EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୬ ସଂଖ୍ୟା-୨୨ ୧୩ - ୧୯ ଜୁନ୍, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-22 13th - 19th JUNE, 2022 BHUBANESWAR ₹ 5/- (8 Pages)

# ଧୋକା ! ଧୋକା ! ଧୋକା !

**ଭୁବନେଶ୍ୱର :** ମସ୍ତବଡ ଧୋକା ହୋଇଛି ! ଦିନ ଦି'ପ୍ରହରେ, ସର୍ବସମ୍ମୁଖରେ ଧୋକା ! ଓଡିଶାବାସୀଙ୍କ ପ୍ରତି, ଓଡିଆଙ୍କ ପ୍ରତି ଆଉ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପ୍ରତି ଏତେବଡ ଧୋକା ? ସେହି ବହୁ ଚର୍ଚ୍ଚିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପ୍ରସଙ୍ଗରେ ହିଁ ଧୋକା ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟରେ କୌଣସି ଆପତ୍ତି ନାହିଁ। କାରଣ ବେଞ୍ଚରେ ଯାହା ଏବଂ ଯେଉଁଭଳି ଭାବରେ ଦସ୍ତାବିଜ ଉପସ୍ଥାପନ କରାଯାଇଛି, ତାହାକୁ ଆଧାର କରି କୋର୍ଟ ରାୟ ଶୁଣାଇଛନ୍ତି । ରାଜ୍ୟ ସରକାରଙ୍କ ନିର୍ମାଣାଧିନ ପ୍ରକଳ୍ପ ଦ୍ୱାରା ଶ୍ରୀମନ୍ଦିର ଉପରେ କୌଣସି ବିପଦ ନାହିଁ ବୋଲି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଦର୍ଶାଇଛନ୍ତି । ଏହା ସହିତ



ଦୁଇଜଣ ଜନସ୍ୱାର୍ଥ ମାମଲା ଦାଏର କରିଥିବା ଆବେଦନକାରୀଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଫାଇନ କରିଛନ୍ତି । ତେବେ ଏଠାରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ, ଆବେଦନକାରୀ କେଉଁ ସାହସରେ ବା ଆଧାର ବଳରେ ନିର୍ମାଣାଧିନ ପ୍ରକଳ୍ପ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ତ ହୋଇଥିଲେ ? ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଏହି ମାମଲା ଓଡିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ଥିଲା । ଆର୍କୋଲୋଜୀ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ) ଏଠାରେ ➤ ପୃ-୬

## 'ଜଗନ୍ନାଥଙ୍କ ନାଁ ନେଇ କିଛି ଲୋକ ନେତା ହୋଇଗଲେ'

**ଭୁବନେଶ୍ୱର :** ଆମ ରାଜ୍ୟ ସରକାର ଗତ ଦୁଇ ଦଶନ୍ଧିର ଶାସନ ପରେ ମହାପ୍ରଭୁ ଜଗନ୍ନାଥ, ଲିଙ୍ଗରାଜ, ମା ଶାରଳା, ମା ଚଣ୍ଡି ପ୍ରମୁଖଙ୍କ ପୀଠରେ ଉନ୍ନତି ଚିନ୍ତା କରିଛନ୍ତି, ଏହା ଏକ ଖୁସିର କଥା । ଯାହା ହେଉ ପଛେ ବିଳମ୍ବରେ ହେଲେବି ମହାପ୍ରଭୁ ଓ ମହାଦେବୀ ମାନେ ମନେ ପଡ଼ିଛନ୍ତି । ଏବେ ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କଥା, ଯାହା କେହି କେବେ ଚିନ୍ତା ବି କରି ନଥିଲେ,ସ୍ୱୟଂ ମହାପ୍ରଭୁ ବି ଲୋକଙ୍କ ଦୁଃଖ ଚିନ୍ତା କରି ନଥିବେ । ଏହି ଦୃଢ଼ ପଦକ୍ଷେପ ସ୍ୱାଗତ ଯୋଗ୍ୟ,



ଶୀଳଭଦ୍ର ଶାସ୍ତ୍ରୀ (ବରିଷ୍ଠ ଆଇନଜୀବୀ)

କିନ୍ତୁ ଏହି ପ୍ରକଳ୍ପ କରିବା ପୂର୍ବରୁ ପୁରୀର ବାସିନ୍ଦା, ଗବେଷକ, ପ୍ରତ୍ନତାତ୍ତ୍ୱିକ, ଇତିହାସକାର,ବୟୋଜ୍ୟେଷ୍ଠ ସେବାୟତ, ଜଗତଗୁରୁ ଶଙ୍କରାଚାର୍ଯ୍ୟ ପ୍ରଭୃତିଙ୍କ ମତାମତ ନିଆ ଯାଇଥିଲା କି ନାହିଁ ବୋଲି ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯାହା ଆମେ ମାନେ ପିଲା ଦିନୁ ଶୁଣି ଆସୁଛୁ ଶ୍ରୀମନ୍ଦିର ଓ କୋଣାର୍କ ମନ୍ଦିର ବାଲୁକା ରାଶି ଉପରେ ତିଆରି ହୋଇଥିଲେ ଏବଂ ଏହାର ରହସ୍ୟ ଭେଦ କରିବା ବୋଧହୁଏ ଆଜିର ମାନବ ପକ୍ଷେ ସମ୍ଭବ ନୁହେଁ । କିନ୍ତୁ ସରକାର ➤ ପୃ-୬

## ୨ରୁ ବିଧାନସଭା ଅଧିବେଶନ



**ଭୁବନେଶ୍ୱର :** ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨ ତାରିଖରୁ ଆରମ୍ଭ ହେବ । ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ । ଅଧିବେଶନରେ ମୋଟ ୨୪ଟି କାର୍ଯ୍ୟ ଦିବସ ଥିବାବେଳେ ଜୁଲାଇ ୩୦ରେ ବ୍ୟୟ ମଞ୍ଜୁରୀ ବିଲ୍ ଉପସ୍ଥାପନ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ➤ ପୃ-୬

## ରାଜନୈତିକ ଅଙ୍କକଷା ଆରମ୍ଭ; କିଏ ହେବେ ପରବର୍ତ୍ତୀ ରାଷ୍ଟ୍ରପତି ?

**ନୂଆଦିଲ୍ଲୀ :** ଆସନ୍ତା ଜୁଲାଇ ୧୮ ତାରିଖରେ ହେବ ରାଷ୍ଟ୍ରପତି ନିର୍ବାଚନ । ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ଆସନ୍ତା ଜୁଲାଇ ୨୪ରେ ସରୁଛି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ । ଜୁଲାଇ ୨୫ରେ ନବନିର୍ବାଚିତ ରାଷ୍ଟ୍ରପତି ଶପଥ ନେବେ । ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୁନ ୧୫ରେ ବିଜ୍ଞପ୍ତି ପ୍ରକାଶ ପାଇବ । ଜୁନ ୨୯ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିପାରିବେ ପ୍ରାର୍ଥୀ । ଜୁନ ୩୦ରେ ନାମାଙ୍କନ ଯାଞ୍ଚ ହେବ । ଜୁଲାଇ ୨ ପର୍ଯ୍ୟନ୍ତ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରାଯାଇପାରିବ । ଜୁଲାଇ ୨୧ରେ ଭୋଟ ଗଣତି ହେବ । ଜୁଲାଇ ୨୪ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ ଓ ଜୁଲାଇ ୨୫ରେ ନୂଆ ରାଷ୍ଟ୍ରପତି ଶପଥ ଗ୍ରହଣ କରିବେ ବୋଲି ମୁଖ୍ୟ ନର୍ବାଚନ କମିଶନ କହିଛନ୍ତି । ଜଣେ ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ସହ ୫୦ ଜଣ ପ୍ରସ୍ତାବକ ଦେବାକୁ ପଡ଼ିବ । ୫୦ ପ୍ରସ୍ତାବକ ଓ ୫୦ ସମର୍ଥକ ଦେଇ ନାମାଙ୍କନ କରିବାକୁ ପଡ଼ିବ । ସାଂସଦ ମାନେ ସଂସଦରେ, ବିଧାୟକମାନେ ବିଧାନସଭାରେ ଭୋଟଦେବେ । ୪୦୩୩ ବିଧାୟକ ଏହି ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ । ମୋଟ ୪୮୦୯ ଜଣ ଭୋଟର ବାଛିବେ ଦେଶର ଆଗାମୀ ରାଷ୍ଟ୍ରପତି । ଏହି ଭୋଟିଂ ଗୋପନୀୟ ରହିବ । ଭୋଟ ଦେବା ପାଇଁ ଆୟୋଗ ତାଙ୍କ ତରଫରୁ ପାନ୍ ପ୍ରଦାନ କରିବେ । ଅନ୍ୟ ପେନ୍‌ର ବ୍ୟବହାର କରିଥିଲେ, ଭୋଟ୍ ଗଣିବା ସମୟରେ



ଉକ୍ତ ଭୋଟ୍ ଅବୈଧ ଘୋଷିତ ହେବ । ସମସ୍ତ ଦଳ ନିଜ ନିଜ ସଦସ୍ୟଙ୍କ ପାଇଁ କୌଣସି ହ୍ୱିପ କରିପାରିବେ ନାହିଁ ବୋଲି ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଘୋଷଣା କରିଛନ୍ତି । ଦେଶର ସାଂସଦ ଓ ବିଧାୟକମାନଙ୍କୁ ନେଇ ଗଠିତ ➤ ପୃ-୬

### ବିଜେପି ବିପକ୍ଷରେ ଦିଦି



**ନୂଆଦିଲ୍ଲୀ :** ଆଗକୁ ରାଷ୍ଟ୍ରପତି ନିର୍ବାଚନ ଥିବା ବେଳେ ପ୍ରାର୍ଥୀଙ୍କୁ ନେଇ ରଣନୀତି ଆରମ୍ଭ ହୋଇଯାଇଛି । କେନ୍ଦ୍ରରେ ଶାସକ ବିଜେପି ଏଯାଏଁ ପ୍ରାର୍ଥୀ ଚୟନ କରି ନଥିବା ବେଳେ ଅନ୍ୟ ରାଜନୈତିକ ଦଳ ଗୁଡ଼ିକ ମଧ୍ୟ ଗୋଟି ଚାଳନା ଆରମ୍ଭ କରିଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ କେନ୍ଦ୍ରର ବିଜେପି ସରକାରକୁ ଟକ୍କର ଦେବାକୁ ଅଣ୍ଟା ଭିଡ଼ିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ➤ ପୃ-୬

## ମାଡି ଆସୁଛି ଚତୁର୍ଥ ଲହର !

### କରୋନା କଟକଣାକୁ ଭୁଲି ଗଲେଣି ଲୋକେ



**ନୂଆଦିଲ୍ଲୀ :** ମାଡ଼ି ଆସୁଛି କରୋନା ଚତୁର୍ଥ ଲହର । ୪ ରାଜ୍ୟରେ କାୟାବିସ୍ତାର କଲାଣି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ସତର୍କବାଣୀ ଦେବା ହେଲାଣି ଛାତି ଧଡ଼ ଧଡ଼ । ଜନସାଧାରଣଙ୍କୁ ଡ଼ରାଇଲାଣି ସଂକ୍ରମଣ ଭୟ । କରୋନା କଟକଣାକୁ ଲୋକେ ପାଶୋରି ଗଲେଣି । ସାମାଜିକ ଦୂରତା ରକ୍ଷା କରୁନାହାନ୍ତି କି ମାସ୍କ ଆଉ କେହି ପିନ୍ଧୁନାହାନ୍ତି । ➤ ପୃ-୬

## ବକ୍ରବାଣୀ



ଥାଆନ୍ତା ନୁପୁର ଯଦି ପାଦରେ
ଦେଖିଥା'ନ୍ତେ ଲୋକେ କେଡ଼େ ଆଦରେ
ରୁଣୁଝୁଣୁ ଶୁଭୁଥା'ନ୍ତା ସଞ୍ଜରେ
ହଉଥା'ନ୍ତା ମଜା କେତେ ଖଞ୍ଜରେ
ଗାଉଥା'ନ୍ତା କିଏ କେଡ଼େ ବାଗରେ
ବାଜା ବାଜୁଥା'ନ୍ତା ପଛ ଆଗରେ
ମାଇପଛଡ଼ାକୁ ରସିଲା ଯେବେ
କିଆ ଫୁଲ ପରି ବାସିଲା ତେବେ
ପାଦୁ ଆସି ଯେବେ ମୁଣ୍ଡେ ବସିଲା
ମାନ ମହତକୁ ସବୁ ସାଇଲା ।

—— ଟୁଟୁ

## ଶିକ୍ଷାର ପ୍ରୟୋଗଶାଳା ହେବ ଆଇଆଇଟି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ : ଧର୍ମେନ୍ଦ୍ର

**ଭୁବନେଶ୍ୱର/ଜଟଣୀ :** ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପାହାଡର ପାଦଦେଶରେ ପ୍ରତିଷ୍ଠିତ ଆଇଆଇଟି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଆଗାମୀ ଦିନରେ ଶିକ୍ଷାର ପ୍ରୟୋଗଶାଳା ହେବା ସହ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ନେତୃତ୍ୱ ପାଇଁ ପ୍ରସ୍ତୁତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶନିବାର ଆଇଆଇଟି ଭୁବନେଶ୍ୱର ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି ଯେ ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରୁ ପ୍ରଥମେ ଲୋକାର୍ପିତ ଶ୍ରେଣୀ ଗୃହରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ । ଏହି ବିଦ୍ୟାଳୟ ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରିବ । ପରବର୍ତୀ ପର୍ଯ୍ୟାୟରେ ଆଇଆଇଟି ଭୁବନେଶ୍ୱର ଯୋଗାଇଥିବା ୧୦ ଏକର ପରିମିତ ଜମିରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଶ୍ରେଣୀଗୃହ ନିର୍ମାଣ ହେବା ପରେ ପିଲାଙ୍କ ପାଠପଢା ଏଠାକୁ ସ୍ଥାନାନ୍ତର କରାଯିବ । ଏହି ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ୨୫ କୋଟି ଖର୍ଚ୍ଚ ହେବ ଏବଂ ସ୍କୁଲର ପରିଚାଳନା ପାଇଁ ଅତିରିକ୍ତ ବାର୍ଷିକ ୪ କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି । ସମସ୍ତ ଖର୍ଚ୍ଚ ଭାରତ ସରକାରଙ୍କ ଶିକ୍ଷା ➤ ପୃ-୬

## 'ଧାନର ଏମ୍ଏସ୍ପି ବୃଦ୍ଧି ଓଡିଶା ଚାଷୀଙ୍କ ପ୍ରତି ଉପହାସ'

**ଭୁବନେଶ୍ୱର :** କେନ୍ଦ୍ର ସରକାର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଫଳରେ ୨୦୨୧-୨୨ ରୁ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଥିବା ସାଧାରଣ ଧାନର ଦର ୨୦୨୨-୨୩ ବର୍ଷ ପାଇଁ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ହୋଇଛି । ଧାନର ଏଭଳି ନଗଣ୍ୟ ଦରବୃଦ୍ଧି ଓଡିଶା ଚାଷୀକୂଳ ପ୍ରତି ଉପହାସ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଡକ୍ଟର ସସ୍ମିତ ପାତ୍ର । ଧାନର ମୂଲବୃଦ୍ଧି ଉପରେ ଡକ୍ଟର ପାତ୍ର କହିଛନ୍ତି ଯେ ସ୍ୱାମୀନାଥନ୍ କମିଶନ ଧାନର ଏମ୍ଏସ୍ପିକୁ ଉତ୍ପାଦନ ମୂଲ୍ୟର ସି୨ ହାରରେ ୧.୫ ଗୁଣ ବୃଦ୍ଧି କରିବାକୁ ଯେଉଁ ସୁପାରିଶ କରିଥିଲେ ତାହା କେନ୍ଦ୍ର କରିନାହିଁ । ୨୫ ମାର୍ଚ୍ଚ, ୨୦୧୭ ରେ, ଓଡ଼ିଶା ବିଧାନସଭା ସର୍ବସମ୍ମତି କ୍ରମେ ଏକ ସଂକଳ୍ପ ପାରିତ କରି ସାଧାରଣ ଧାନର ଏମଏସପି କୁଇଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଛି । ବିଜେପି, କଂଗ୍ରେସ



ଏବଂ ବିଜେଡିର ସମସ୍ତ ବିଧାୟକ ଏହାକୁ ସର୍ବସମ୍ମତି କ୍ରମେ ସମର୍ଥନ କରିଛନ୍ତି । କିନ୍ତୁ ଏହି ସଂକଳ୍ପ ପାରିତ ହେବାର ପାଞ୍ଚ ବର୍ଷ ପରେ ମଧ୍ୟ ବିଜେଡି ସାଂସଦଙ୍କ ସଂସଦ ତଥା ଓଡ଼ିଶା ବିଧାନସଭାରେ ରଖାଯାଇଥିବା ଅନେକ ଦାବି ପରେ ମଧ୍ୟ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରି ନାହିଁ । ଧାନର ଏମଏସ୍ପି କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପ୍ରସଙ୍ଗ ବ୍ୟତିତ କେନ୍ଦ୍ର ମଧ୍ୟ ଓଡିଶାରୁ ଅତିରିକ୍ତ ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

## ପଥର ମାଫିଆଙ୍କ ପାଇଁ କୋଟି କୋଟି ରାଜସ୍ୱ ହାନି

**ବାରିପଦା (ବିଜୁ ସିଂ):** ଦିନ ଦିପହରରେ ହେଉଛି ବେଆଇନ ପଥର ଉତ୍ତୋଳନ । ସବୁ ଜାଣି ଚୁପ ରହୁଛି ଜିଲ୍ଲା ପ୍ରଶାସନ ଓ ମାଇନିଂ ଅଧିକାରୀ । ଟେବୁଲ ତଳେ ଗାନ୍ଧୀ ମୁଣ୍ଡ ଦେଖି ବାଇୟା ସରକାରୀ ଅଧିକାରୀ । ଦିର୍ଘ ଦିନ ଧରି ବେଆଇନ ଲଘୁ ଖଣିଜ ଲୁଟ ହେଉଥିବା ଅଭିଯୋଗ ସତ୍ତ୍ୱେ ପଥର ମାଫିଆଙ୍କ ଉପରେ କୃପାଦୃଷ୍ଟି ରହିଛି ସରକାରୀ ଅଧିକାରୀଙ୍କ । ଏପରି ଅଭିଯୋଗ ଆସିଛି ବାରିପଦା ତହସିଲ ଅନ୍ତର୍ଗତ କଞ୍ଚନନଗର ସ୍ଥିତ ବେଆଇନ ପଥର କ୍ରୋସର ଅଞ୍ଚଳରୁ । ସେପଟେ ରାଜ୍ୟ ସରକାର କୋଟି କୋଟି ଟଙ୍କା ସରକାରୀ ତହବିଲରୁ ରାଜସ୍ୱ ହରାଉଥିବା ବେଳେ ଲାଲ ସାହେବ ହେଉଛନ୍ତି ପଥର ମାଫିଆ ଓ ସରକାରୀ ଅଧିକାରୀ । ସାଧାରଣ ଗ୍ରାମବାସୀଙ୍କ ଜୀବନ ଯାପନ ହେଉଛି ବିପର୍ଯ୍ୟସ୍ତ । ବେଆଇନ ଭାବେ ପଥର ଉତ୍ତୋଳନ କରି ରାଜ୍ୟ ସରକାରଙ୍କ ରାଜସ୍ୱକୁ ହରିଲୁଟ କରୁଥିବା ଲାଭଖୋର ପଥର ମାଫିଆ ମାନଙ୍କ ଅସାବଧାନତା ପାଇଁ ଗ୍ରାମବାସୀ ହେଉଛନ୍ତି ହନ୍ତ ସନ୍ତ । ବେନିୟମ ଭାବେ ଚାଲୁଥିବା ପଥର ଖଣିରେ ପଥର ଉତ୍ତୋଳନ ପରେ ସୃଷ୍ଟି ହେଉଛି ବିଶାଳ କୃତ୍ରିମ ହ୍ରଦ । ତା ସହିତ ପରିବେଶ ଦୂଷିତ ହୋଇ ଲୋକେ ହେଉଛନ୍ତି ହନ୍ତସନ୍ତ ଓ ରୋଗାଗ୍ରସ୍ତ । ଭାରି ଯାନ ଗୁଡିକ ପରିବହନ କ୍ଷମତା ଠାରୁ ଅଧିକ ପରିମାଣର ପଥର ବହନ କରୁଥିବାରୁ ଦୈନନ୍ଦିନ ଯାତାୟାତ କରୁଥିବା ପଦଚାରି, ବାଇକ କିମ୍ବା ସାଇକେଲ ଆରୋହୀଙ୍କ ଜୀବନ ଯିବାର ଆଶଙ୍କା ରହିଛି । ଏପରିକି ଛୋଟ ପିଲା ମାନେ କ୍ରୋସରର ବଡ ବଡ ଯନ୍ତ୍ରପାତିର ଶବ୍ଦରେ ପାଠ ପଢି ପାରୁନଥିବାର ଅଭିଯୋଗ କରିଛନ୍ତି ଅଭିଭାବକ । ବାଙ୍ଗିରିପୋଷି, ସାରସକଣା, କୋଲିଅଣା, ବାରିପଦା, ଶ୍ୟାମାଖୁଣ୍ଟା ଓ ଅନ୍ୟାନ୍ୟ ବ୍ଲକ ଗୁଡିକରେ ଥିବା



ବେଆଇନ କ୍ରୋସର ଗୁଡିକ ଦୀର୍ଘ ଦିନ ଧରି ପଥର ଖନନ କରି କୋଟି କୋଟି ଟଙ୍କା ଉପାର୍ଜନ କରି ହେଉଛନ୍ତି ମାଲେ ମାଲ । ଲକ ଡାଉନ ସମୟରେ ସରକାର କ୍ରୋସର ଗୁଡିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଥିବା ବେଳେ ଲାଭଖୋର ବ୍ୟାପାରୀ ସରକାରୀ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟୁଛନ୍ତି । ପଥର ଖଦନ ୧୦୦ ରୁ ୧୫୦ ଫୁଟ ଖୋଳା ହେଉଥିବା ହେତୁ ସେ ସ୍ଥାନରେ ସବୁ କୃତ୍ରିମ ହ୍ରଦ ସବୁ ସୃଷ୍ଟି ହୋଇଛି । କିଛି ମାସ ପୂର୍ବରୁ ବାଙ୍ଗିରିପୋଷି ଥାନା ଅଧିନସ୍ଥ କେଶରପୁର ଗ୍ରାମର ନାବାଳକ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ପାଇଁ ସମୟ ଅନୁକୂଳ। ଖର୍ଚ୍ଚ ଉପରେ ଲଗାମ ଲଗାନ୍ତୁ। ବଡଲାଭର ଯୋଗ ଅଛି। କିଛି ଲୋକ ଆପଣଙ୍କୁ ପଛରୁ ଟାଣି ହଇରାଣ କରିପାରନ୍ତି, ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ। ଉପକାର : ପ୍ରତିଦିନ ହନୁମାନ ଚାଳିସା ପାଠ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ତମାଖୁ ସେବନରୁ ଦୂରେଇ ରହନ୍ତୁ। ପରିବାରରେ ସୁଖ ମିଳିବ। ଭଲ ଖବର ମିଳିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ। ଛାତ୍ରମାନେ ପଢ଼ିବା ପାଇଁ ଶାନ୍ତବାତାବରଣ ପାଇବେ। ପ୍ରତିକାର : ପ୍ରତ୍ୟେକ କାମକୁ ପୂର୍ଣ୍ଣ ଏକାଗ୍ରତାରେ କରନ୍ତୁ।

**ମିଥୁନ** ନିଜର ଓ ପରିବାର କୌଣସି ବ୍ୟକ୍ତିଙ୍କୁ ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ପାଇଁ ଛୋଟ ରାସ୍ତା ଆପଣାଇ ପାରନ୍ତି। କୌଣସି ମକଦ୍ଦମାରେ ପଡି ପାରନ୍ତି। ପ୍ରତିକାର : ଅନାଥ ବା ଅନାଥାଶ୍ରମରେ ଖାଦ୍ୟ ଦାନ କରନ୍ତୁ।

**କର୍କଟ** ରକ୍ତଚାପ ରୋଗର ଶିକାର ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ପରିବାରରେ ଶାନ୍ତି ମିଳିବ। କୌଣସି ବସ୍ତୁ ହଜିପାରେ। ସହକର୍ମୀଙ୍କ ସହଯୋଗ ନିଅନ୍ତୁ। ପ୍ରତିକାର : ରୂପା ଗ୍ଲାସରେ ପାଣି ପିଅନ୍ତୁ।

**ସିଂହ** ଯାତ୍ରା ଜନିତ ଶରୀର ପୀଡା ହୋଇପାରେ। ଅଚାନକ ଧନପ୍ରାପ୍ତି ହେବ। ଛାତ୍ରମାନେ ଅନ୍ୟର ସହଯୋଗରେ କୌଣସି ପ୍ରୋଜେକ୍ଟ କରିପାରିବେ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ମନକୁ ଶାନ୍ତି ଦେବା ପାଇଁ ଶରୀରକୁ କଷ୍ଟ ଦିଅନ୍ତୁ ନାହିଁ। ଖର୍ଚ୍ଚରେ ଲଗାମ ଦିଅନ୍ତୁ। ବନ୍ଧୁ ଓ ପରିବାରରେ ସୁନ୍ଦର ସମୟ କଟିବ। ବାହାନ ଚଳାଇବା ବେଳେ ସାବଧାନ ରହନ୍ତୁ। ପ୍ରତିକାର : ଗାଈଙ୍କୁ କଳାଚଣା ଖୁଆନ୍ତୁ।

**ତୁଳା** ସ୍ପଷ୍ଟବାଦୀ ହୁଅନ୍ତୁ। ମଦ୍ୟପାନରୁ ଦୂରରେ ରହନ୍ତୁ। ବ୍ୟୟରେ ବୃଦ୍ଧି ହେବ। ଛାତ୍ର ପରୀକ୍ଷାରେ ପରିଶ୍ରମରୁ କମ ଫଳ ପାଇପାରନ୍ତି। ପ୍ରତିକାର : ଛାତ୍ରମାନଙ୍କ ପାଠ୍ୟ ଉପକରଣ ବାଣ୍ଟନ୍ତୁ।

**ବିଛା** ଉତ୍ତମ ସ୍ୱାସ୍ଥ୍ୟ ରହିବ। ଅର୍ଥ ବିନିଯୋଗ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ପରିବାରରେ ସମୟ ଦିଅନ୍ତୁ। କାର୍ଯ୍ୟ ଓ ଅର୍ଥରେ ସନ୍ତୁଳନ ରକ୍ଷା କରନ୍ତୁ। ଦମ୍ପତ୍ତିଙ୍କ ପୂର୍ବରୁ ଥିବା ବିବାଦର ସମାଧାନ ହେବ।

**ଧନୁ** ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ବ୍ୟବସାୟରେ ଧନ ନିବେଶରୁ ଦୂରରେ ରହନ୍ତୁ। ଆବଶ୍ୟକ ସମୟରେ ବନ୍ଧୁ ବା ନିଜ ଲୋକ ଧୋକା ଦେଇ ପାରନ୍ତି। ପ୍ରତିକାର : ଶୁକ୍ରବାର ଦିନ ଗାଈଙ୍କୁ ଘାସ ଖୁଆନ୍ତୁ।

**ମକର** ଥଣ୍ଡା, ଶର୍ଦ୍ଦି ଜନିତ ରୋଗ ହୋଇପାରେ। ଆର୍ଥିକ ଅବସ୍ଥାରେ ସୁଧାର ହେବ। ବାପା ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ। ପ୍ରତିକାର : ଦରିଦ୍ରକୁ ଖାଇବାକୁ ଦିଅନ୍ତୁ।

**କୁମ୍ଭ** ବାପାମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତାର ମୁଖ୍ୟକାରଣ ହେବ। ନିଜର ବାଣୀ ଉପରେ ଲଗାମ ଦିଅନ୍ତୁ। ଅହଙ୍କାର ତ୍ୟାଗ କରନ୍ତୁ। ଛାତ୍ରମାନଙ୍କ ସମୟ ଅନୁକୂଳ। କୌଣସି ବୀପରିତ ଲିଙ୍ଗଙ୍କଠାରୁ ପ୍ରେମର ସଙ୍କେତ ପାଇପାରନ୍ତି। ପ୍ରତିକାର୍ଯ୍ୟ ଭଗବାନଙ୍କୁ ଦର୍ଶନ କରନ୍ତୁ।

**ମୀନ** ଅନାବଶ୍ୟକ କଥାରୁ ଦୂରେଇ ରହନ୍ତୁ। ଧନଲାଭ ଯୋଗ ଅଛି। ପରିବାରରେ ସମର୍ଥନ ପାଇବେ ନାହିଁ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ଅସୁବିଧା ଭୋଗୀ ପାରନ୍ତି। ପ୍ରତିକାର : ମଇଳା ବସ୍ତ୍ର ପିନ୍ଧନ୍ତୁ ନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଜାତିସଂଘର ଗ୍ଲୋବାଲ କ୍ରାଇସିସ୍ ରେସପନ୍ସ ଗ୍ରୁପ୍ ରିପୋର୍ଟ

# ଅନାହାର ସଂକଟରେ ବିଶ୍ୱର ୧.୬ ବିଲିୟନ ଲୋକ

**ନୂଆଦିଲ୍ଲୀ :** ୟୁକ୍ରେନରେ ଯୁଦ୍ଧ ଯୋଗୁଁ ସାରା ବିଶ୍ୱର ୯୪ଟି ଦେଶରେ ଖାଦ୍ୟ ସଂକଟ ସୃଷ୍ଟି ହୋଇଛି। ୧.୬ ବିଲିୟନ ଲୋକଙ୍କ ଉପରେ ଏହାର ବିପଦ ରହିଛି। ମିଳିତ ଜାତିସଂଘର ଗ୍ଲୋବାଲ କ୍ରାଇସିସ୍ ରେସପନ୍ସ ଗ୍ରୁପ ରିପୋର୍ଟ ଅନୁସାରେ, ସାରା ଦୁନିଆର ଲୋକେ ପଇସା, ଖାଦ୍ୟାନ୍ନ ଏବଂ ଶକ୍ତି ସଂକଟର ସାମନା କରୁଛନ୍ତି। ଜୁନ ୮ରେ ପ୍ରକାଶିତ ଏହି ରିପୋର୍ଟରେ ଖାଦ୍ୟ ଏବଂ ଇନ୍ଧନର ମୂଲ୍ୟ ନିୟନ୍ତ୍ରଣ କଥା କୁହାଯାଇଛି। କେବଳ ଏହା ନୁହେଁ, ମିଳିତ ଜାତିସଂଘ ନିଜ ରିପୋର୍ଟରେ କହିଛି 'ସମୟ କମ ଏବଂ ଖାଦ୍ୟ ସଂକଟ ବହୁତ ବଡ଼'। ରିପୋର୍ଟରେ କୁହାଯାଇଛି, ୨୦୨୩ରେ ବଡ଼ ସଂଖ୍ୟାରେ ଖାଦ୍ୟ ସଂକଟ ଉତ୍ପନ୍ନ ହୋଇପାରେ। ଯଦି ଏପରି



ହୁଏ ତେବେ ଲୋକେ ଖାଦ୍ୟ ଅଭାବର ସାମନା କରିବେ। ରିପୋର୍ଟରେ କୁହାଯାଇଛି, ଯଦି ଯୁଦ୍ଧ ଜାରି ରହେ ଏବଂ ଖାଦ୍ୟର ମୂଲ୍ୟବୃଦ୍ଧି ଜାରି ରୁହେ ତେବେ ଆସନ୍ତା ବର୍ଷ ବଡ଼ ସଂକଟ ସୃଷ୍ଟି ହେବ। ଗହମ, ମକ୍କା ଏବଂ ପରିବା ସହ ଅନେକ ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧି ହୋଇପାରେ। ଏହାଦ୍ୱାରା ପ୍ରାୟ ୨ ବିଲିୟନ ଲୋକେ ପ୍ରଭାବିତ ହେବେ। ଏହି ସଂଖ୍ୟା ଛୋଟ ନୁହେଁ ବହୁତ ବଡ଼। ଉଲ୍ଲେଖଯୋଗ୍ୟ ଯେ, ୟୁକ୍ରେନ ଯୁଦ୍ଧ ପରେ ସାରା ଦୁନିଆରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟରେ ବୃଦ୍ଧି ଘଟିଛି। ଏହି କାରଣରୁ ଗହମର ମୂଲ୍ୟର ରେକର୍ଡ ସ୍ତରରେ ପହଞ୍ଚିଛି। ଦୁନିଆରେ ଗହମ ଉତ୍ପାଦନରେ ୟୁକ୍ରେନ ଏକ ଅଗ୍ରଣୀ ଦେଶ। ଜାତିସଂଘ ମୁଖ୍ୟ ଆଣ୍ଟୋନିୟୋ ଗୁଟାରେସ କହିଛନ୍ତି, ୟୁକ୍ରେନ ଯୁଦ୍ଧ ଯୋଗୁଁ ସାରା ଦୁନିଆରେ ସଂକଟର ସ୍ଥିତି ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, କରୋନା ସଂକଟ ପରେ ଦୁନିଆରେ ଅନାହାରର ସାମନାକୁ କରୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇ ୨୭୬ ମିଲିୟନରେ ପହଞ୍ଚିଛି। ପୂର୍ବରୁ ଏହି ସଂଖ୍ୟା ୧୩୫ ମିଲିୟନ ଥିଲା।

### ଜନ୍ମର ୬ ସପ୍ତାହ ପରେ ନବଜାତ ଠାରେ ଦେଖାଯାଉଛି ସ୍ନାୟବିକ ବିଲକ୍ଷଣ

# ଗର୍ଭସ୍ଥ ଶିଶୁଙ୍କୁ ପ୍ରଭାବିତ କରୁଛି କରୋନା

**ନୂଆଦିଲ୍ଲୀ :** କରୋନାରେ ପ୍ରଭାବିତ ହେଉଛନ୍ତି ଗର୍ଭସ୍ଥ ଶିଶୁ। ମାଆ ପେଟରେ ଥାଇ ବି ସେମାନେ କରୋନା ପ୍ରଭାବରୁ ବର୍ତ୍ତିପାରୁ ନାହାଁନ୍ତି। କରୋନା ସଂକ୍ରମିତ ମାଆ ଠାରୁ ଜନ୍ମ ହେଉଥିବା ପିଲାଙ୍କ ଠାରେ କିଛି ନା କିଛି ବିଲକ୍ଷଣ ଦେଖାଯାଉଛି। ଏକ ଗବେଷଣାରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ପିଲା ଜନ୍ମ ହେବାର ୬ ସପ୍ତାହ ପରେ ପିଲାଠାରେ ସ୍ନାୟବିକ ସମସ୍ୟା ଦେଖାଯାଉଥିବା ଗବେଷଣାରେ ଜଣାପଡ଼ିଛି। ସଂକ୍ରମିତ ହୋଇ ନଥିବା ମହିଳାଙ୍କ ଠାରୁ ଜନ୍ମ ହୋଇଥିବା ପିଲାଙ୍କ ଠାରୁ ସଂକ୍ରମିତ ମହିଳାଙ୍କ ଠାରୁ ଜନ୍ମ ହୋଇଥିବା ପିଲା ନିଜ ଶରୀରକୁ ଭଲ ଭାବରେ ପରିଚାଳନ କରିପାରୁ ନାହାନ୍ତି। ବୁଢାପେଷ୍ଟର ୩୦ତମ ୟୁରୋପିୟନ କଂଗ୍ରେସର ମନୋବିଜ୍ଞାନୀମାନେ ଗବେଷଣା କରି ଏଭଳି ତଥ୍ୟ ଜାଣିବାକୁ ପାଇଛନ୍ତି। ସଂକ୍ରମିତ ମହିଳାଙ୍କ ଠାରୁ ଜନ୍ମ ହୋଥିବା ଶିଶୁମାନେ ଠିକ୍ ବାବରେ ନିଜ ହାତ ଓ ମୁଣ୍ଡର ଚାଳନା କରିପାରୁ ନାହାନ୍ତି। ଗବେଷକ ଟିମ୍ରେ ଥିବା ସ୍ୱେନ୍ର ମର୍କିୟୁ ଡି ଭାଲଡେସିଲ୍ଲା ୟୁନିଭର୍ସିଟି ହସ୍ପିଟାଲ ଡ. ରୋଜା ଆୟେଶା ଆର୍ରିଓଲା କହିଛନ୍ତି ଯେ ସମସ୍ତ ଶିଶୁଙ୍କ ଠାରେ ସ୍ନାୟବିକ ସମସ୍ୟା ଦେଖାଯାଉ ନାହିଁ। ତେବେ ଏହି ମାମଲାରେ ସୁନିଶ୍ଚିତ ହେବା ପାଇଁ ଆମକୁ ବଡ଼ ମାତ୍ରାରେ ଗବେଷଣା କରିବାକୁ ହେବ ବୋଲି ରୋଜା କହିଛନ୍ତି। ତେବେ ପ୍ରାରମ୍ଭିକ ଗବେଷଣାରେ ୪୨ ଜଣ ନବଜାତକୁ ନେଇ ଗବେଷଣା କରାଯାଇଥିଲା। ସେଥିମଧ୍ୟରୁ ସଂକ୍ରମିତ ମହିଳାଙ୍କର ୨୧ ପିଲା ଓ ସୁସ୍ଥବାନ ମହିଳାଙ୍କର ୨୧ ପିଲାକୁ ନେଇ ଗବେଷଣା ହୋଇଥିଲା। ଏହି ଗବେଷଣାରେ ମାଆର ବାୟୋକେମିକାଲ ଟେଷ୍ଟ ଓ ସାଇକୋଲୋଜିକାଲ ପ୍ରଶ୍ନ ଟେଷ୍ଟ କରାଯାଇଥିଲା। ତା ସହ ପିଲାମାନଙ୍କର ଏନ୍‌ବିଏଏସ୍(ନିଓନାଟାଲ ବିହେଭରଲା ଆସେସ୍‌ମେଣ୍ଟ ସ୍କେଲ୍) ବା ନବଜାତ ଆଚରଣଗତ ମୂଲ୍ୟାଙ୍କନ ସ୍କେଲ୍ ଟେଷ୍ଟ କରାଯାଇଥିଲା।

## ପବନରେ ବ୍ୟାପୁଛି ମଙ୍କିପକ୍ସ !

**ନୂଆଦିଲ୍ଲୀ :** ଦେଶରେ କରୋନା ମହାମାରୀ ଭିତରେ ଆତଙ୍କ ଖେଳାଇଛି ଆଉ ଏକ ଭାଇରସ। 'ମଙ୍କିପକ୍ସ'କୁ ନେଇ ଚାରିଆଡେ ଭୟର ବାତାବରଣ ଖେଳିଯାଇଛି। ପ୍ରାୟ ୧୦୦୦ରୁ ଅଧିକ ଲୋକ ଏହି ଭୂତାଣୁରେ ସଂକ୍ରମିତ ହୋଇ ସାରିଲେଣି। ଏଥିସହ ୨୯ ଦେଶକୁ ବ୍ୟାପିସାରିଲାଣି ଏହି ଭାଇରସ। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୂଚନା ଦେଇଛି। ତେବେ ଏହି ଭାଇରସକୁ ନେଇ ଏବେ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ଏହି ଭୂତାଣୁ ଏବେ ପବନରେ ବି ବ୍ୟାପୁଥିବା ସନ୍ଦେହ କରାଯାଉଛି। ଏକ ରିପୋର୍ଟ ଅନୁସାରେ ଏହି ମଙ୍କିପକ୍ସ ଭାଇରସ ପବନରେ ବ୍ୟାପିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସନ୍ଦେହ କରୁଛନ୍ତି। ୟୁଏସ୍ ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍ ତଥା ସିଡିସିର ଅଧିକାରୀମାନଙ୍କ ସନ୍ଦେହ ମୁତାବକ, 'ଏହି ମଙ୍କିପକ୍ସ ଭାଇରସ କମ୍ ଦୂରତା ଯାଏଁ ପବନରେ ବ୍ୟାପିପାରେ।' ଏଥିପାଇଁ ସାଧାରଣ ଜନତା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସର୍ଜିକାଲ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ମଙ୍କିପକ୍ସ ଭାଇରସରୁ ବଞ୍ଚିବା ପାଇଁ ମାସ୍କ ପିନ୍ଧିବା ଜରୁରୀ। ମାସ୍କ ପିନ୍ଧିବା ଦ୍ୱାରା ମଙ୍କିପକ୍ସ ସମେତ ଅନେକ ରୋଗରୁ ଦୂରେଇ ରହିପାରିବା ବୋଲି ସିଡିସି କହିଛି। ଯେଉଁ ଦେଶରେ ମଙ୍କିପକ୍ସ ମାମଲା ସକ୍ରିୟ ରହିଛି, ସେଠାକାର କର୍ମଚାରୀ ଓ ସାଧାରଣ ନାଗରିକଙ୍କୁ ମାକ୍ସ ପିନ୍ଧିବାକୁ ସିଡିସି ପରାମର୍ଶ ଦେଇଛି।

### ଡିଜିସିଏର କଡ଼ା ଚେତାବନୀ

# ମାସ୍କ ପିନ୍ଧି ନଥିଲେ ବିମାନ ଯାତ୍ରା ମନା

**ନୂଆଦିଲ୍ଲୀ :** ଏଣିକି ବିମାନବନ୍ଦର ଓ ବିମାନ ଭିତରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ମାସ୍କ ନପିନ୍ଧିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ମହାମାରୀ କରୋନା ତାର ପ୍ରକୋପ ପୁଣି ଥରେ ଜାହିର କରୁଥିବାରୁ ଯାତ୍ରୀଙ୍କୁ ସାବଧାନ ରହିବାକୁ ସତର୍କ କରାଯାଇଛି। ଯେଉଁ ଯାତ୍ରୀ ମାସ୍କ ପିନ୍ଧିବାକୁ ଅମଙ୍ଗ ହେବ ତାଙ୍କୁ ଯାତ୍ରା ପାଇଁ ବାରଣ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ମାସ୍କ ବ୍ୟବହାରକୁ ନେଇ ଚେକିଂ ଦାୟିତ୍ୱ ସିଆଏସଫକୁ ଦିଆଯାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆକ୍ସନ ମୁଡକୁ ଆସିଛି ଡିଜିସିଏ। ଏ ସମ୍ପର୍କରେ ଆଜି ଡିଜିସିଏ ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି।



ସେଥିରେ ଏୟାରଲାନ୍ ଉଦ୍ଦେଶ୍ୟରେ କୁହାଯାଛି ଯେ, ଯେଉଁ ଯାତ୍ରୀମାନେ ବାରମ୍ବାର କହିବା ସତ୍ତ୍ୱେ ମାସ୍କ ପିନ୍ଧୁ ନାହାନ୍ତି କିମ୍ବା ଅମାନିଆ ହେଉଛନ୍ତି ସେମାନଙ୍କୁ ବିମାନ ଯାତ୍ରାରେ ବାରଣ କରାଯାଉ। ସେହିପାର ମାସ୍କ ସମ୍ପର୍କରେ ସଚେତନତା ପାଇଁ ଏୟାରପୋର୍ଟ ଅପରେରେଟମାନଙ୍କୁ ବାରମ୍ବାର ଘୋଷଣା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲା ବିନା ମାସ୍କରେ ଥିବା ଯାତ୍ରୀଙ୍କଠାରୁ ଜରିମାନା ଆଦାୟ ପାଇଁ କୁହଯାଇଛି। ପୂର୍ବରୁ ଗତ ଜୁନ ୩ ତାରିଖରେ ବିମାନବନ୍ଦର ଏବଂ ବିମାନ ଭିତରେ ମାସ୍କ ପିନ୍ଧିବା ନିୟମ କଡ଼ାକଡ଼ି ପାଳନ କରିବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜଣିକିଆ ଖଣ୍ଡପୀଠ ତଥା ମୁଖ୍ୟ ବିଚାରପତି ଏସିଜେ ବିପିନ୍ ସିଙ୍ଘାଇ କହିଥିଲେ ଯେ, ମାସ୍କ ନପିନ୍ଧିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଅମାନିଆଙ୍କ ବିରୋଧରେ ଅତ୍ୟଧିକ ପରିମାଣରେ ଜରିମାନା ଲାଗୁ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମକୁ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ଆବଶ୍ୟକ ପଡ଼ିଲେ ନିୟମ ଉଲ୍ଲଂଘନକାରୀଙ୍କୁ ବିମାନ ଭିତରୁ ବାହାର କରି ଦିଆଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ହିମାଚଳରେ ତରଳୁଛି ବରଫ



**ଶିମଲା :** ଏପ୍ରିଲରେ ଉତ୍ତର ଭାରତୀୟ ପାର୍ବତ୍ୟାଞ୍ଚଳରେ ତାପମାତ୍ରା ସାଧାରଣରୁ ୮ ଡିଗ୍ରି ସେଲସିୟସ୍ ବଢ଼ି ଯାଇଛି। ଫଳରେ ହିମାଳୟର ସମସ୍ତ ୪ଟି ଜାକ ଘାଟି ସତଲୁଜ, ବ୍ୟାସ, ରାବି ଓ ଚିନାବରେ ଏବେ ବରଫ ତରଳିବାରେ ଲାଗିଛି। ତେବେ ଅତୀତରେ ଏହି ପ୍ରକ୍ରିୟା ସାଧାରଣତଃ ଜୁନ ମାସରେ ଆରମ୍ଭ ହେଉଥିଲା। ଜଳବାୟୁ ପରିବର୍ତ୍ତନ କେନ୍ଦ୍ର ଶିମଲାଙ୍କୁ ଉପଗ୍ରହରୁ ମିଳୁଥିବା ଚିତ୍ରରୁ ବରଫ ତରଳିବା ପ୍ରକ୍ରିୟା ଜଣାପଡିଛି। ଯାହା ନିର୍ଦ୍ଧାରିତ ସମୟର ଦୁଇ ମାସ ପୂର୍ବରୁ ଆରମ୍ଭ ହୋଇଯାଇଛି। ୨୦୨୦-୨୧ ବର୍ଷରେ ଘାଟିରୁ ବରଫ ତରଳିବା ପ୍ରକ୍ରିୟା ମାର୍ଚ୍ଚ ଓ ଏପ୍ରିଲରେ ୪ରୁ ୧୦ ପ୍ରତିଶତ ଥିଲା। ୨୦୨୧-୨୨ରେ ଏହା ୧୯ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ତରଳିଗଲାଣି। ଏପ୍ରିଲରୁ ଯେଉଁପରି ତାପମାତ୍ରା ବଢିଛି, ଏଥିରୁ କୌଣସି ଏକ ବଡ ବିପଦର ଏବେ ଆଶଙ୍କା କରାଯାଉଛି। ଏବେ ସତଲୁଜ ଘାଟିରେ ୩୩, ରାବିରେ ୨୧, ବ୍ୟାସରେ ୩୬ ଓ ଚିନାବ ଘାଟିରେ ୬୬ ପ୍ରତିଶତ ବରଫ ବଳକା ଅଛି। ପରିବେଶ ବିଜ୍ଞାନ ଓ ତଥା ପ୍ରଯୁକ୍ତି ପରିଷଦଙ୍କ ସଦସ୍ୟ ସଚିବ ଲଳିତ ଜୈନ ଏପ୍ରିଲରେ ତାପମାତ୍ରା ବୃଦ୍ଧି ଯୋଗୁ ଏପରି ହୋଇଥିବା କହିଛନ୍ତି। ଗତ ଡିସେମ୍ବରରୁ ଫେବୃଆରୀରେ ଚିନାବ ଓ ରାବି ଘାଟିରେ ସ୍ୱଳ୍ପ ହୀମପାତ ହୋଇଥିଲା। ଏହି ଘାଟି ପିରପଞ୍ଜାଲ ରେଞ୍ଜ ସହିତ ରହିଛି। ଉଲ୍ଲେଖ ଯୋଗ୍ୟ ଯେ ଫେବୃଆରୀରେ ହିମାଚଳ ବର୍ଷର ସବୁଠୁ ଅଧିକ ହିମପାତ ପାଇଥାଏ। ହିମାଚଳରେ ଏବେବି ହୀମପାତ ଜାରି ରହିଛି। ଭୀଷଣ ହୀମପାତ ଯୋଗୁ ଶିମଲା ସମେତ ଅନ୍ୟ ପାର୍ବତ୍ୟାଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାଜ୍ୟରେ ଭୀଷଣ ବରଫ ପାତ ଯୋଗୁ ଅପର ଶିମଲା ସମେତ ଶତାଧିକ ଗ୍ରାମ ସହ ଜିଲ୍ଲା ମୁଖ୍ୟାଳୟର ସମ୍ପର୍କ ବ୍ୟହତ ହୋଇଛି। ୩ ଜାତୀୟ ରାଜମାର୍ଗଙ୍କୁ ଛାଡି ଦେଲେ ୬୮୧ଟି ସଡକରେ ଏବେ ଯାନବାହନ ଚଳାଚଳ ସମ୍ଭବ ହେଉ ନାହିଁ। ଏଣୁ ସ୍ଥାନୀୟ ଲୋକଙ୍କ ସହିତ ପର୍ଯ୍ୟଟକ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଓଡ଼ିଶାରେ ବେଆଇନ ଖଣି କାରବାର; ସୁପ୍ରିମକୋର୍ଟ ଖପ୍ପା

# ୬ ମାସରେ ରାୟ ଦେବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ଓଡ଼ିଶାରେ କେତେକ ଖଣି କମ୍ପାନୀ କୋର୍ଟଙ୍କ 'ସ୍ଥିତାବସ୍ଥା' ନିର୍ଦ୍ଦେଶ ଆଳରେ ବେଆଇନ ଖଣି ଖନନ କରୁଥିବା ନେଇ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଏଭଳି ମାମଲାଗୁଡ଼ିକର ନିଷ୍ପତ୍ତି ଓ ସମାଧାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କୁ ୬ ମାସ ସମୟ ଦେଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏମଆର ଶାହ ଓ ଜଷ୍ଟିସ ଅନିରୁଦ୍ଧ ବୋଷଙ୍କ ଅବକାଶକାଳୀନ ଖଣ୍ଡପୀଠ ବାଲେଶ୍ୱର ଆଲଏଜ୍ ଲିଃ ପକ୍ଷରୁ ଦାଏର ଆବେଦନ ଉପରେ ଶୁଣାଣି କରି କହିଛନ୍ତି ଯେ, କର୍ତ୍ତୃପକ୍ଷଙ୍କଠୁ ଜଙ୍ଗଲ ଅନୁମତି ନଥାଇ ଏସବୁ ଖଣି କମ୍ପାନୀଗୁଡ଼ିକ ବେଆଇନ ଭାବେ ଖନନ କରୁଛନ୍ତି। ବିବାଦ ଉପରେ ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ଥିବା ଆଳ ଦେଖାଇ ସେମାନେ ଏଭଳି ବେଆଇନ ଖନନ କରୁଛନ୍ତି। ତେବେ ଜଙ୍ଗଲ ଅନୁମତି ବିନା କିଭଳି ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ବଳରେ ଖଣି ଖନନ କରାଯାଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ 'ସ୍ଥିତାବସ୍ଥା' ନିର୍ଦ୍ଦେଶ ଅବଧିକୁ ବୃଦ୍ଧି କରିବାକୁ ବାଲେଶ୍ୱର ଆଏଲଜ୍ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିବାରୁ ତା'ର ପ୍ରତିବାଦରେ କମ୍ପାନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଜଙ୍ଗଲ ଅନୁମତି ବିନା ଖଣି ଖନନ ଓ ଉତ୍ତୋଳଜନ କରାଯିବା ବେଆଇନ। ଜଙ୍ଗଲ ମଞ୍ଜୁରୀ (ଫରେଷ୍ଟ କ୍ଲିଅରାନ୍ସ) ନଥାଇ ଖଣି ଖନନ କିମ୍ବା ଉତ୍ତୋଳନ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଏହାସହିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ,ହାଇକୋର୍ଟ ଏଭଳି 'ସ୍ଥିତାବସ୍ଥା'



ବଜାୟ ରଖିବାକୁ ରାୟ ଦେଉଥିବାରୁ ଖଣି କାର୍ଯ୍ୟ ଜାରି ରଖିବାକୁ ଅନୁମତି ମିଳିଯାଉଛି। ଏହା ନିଃସନ୍ଦେହ ଯେ, ଆବେଦନକାରୀ କମ୍ପାନୀ ବାଲେଶ୍ୱର ଆଏଲଜ୍ ଲିଃ ପାଖରେ ବର୍ତ୍ତମାନ ସମୟରେ ଜଙ୍ଗଲ ମଞ୍ଜୁରୀ ନାହିଁ। ଆଉ ଜଙ୍ଗଲ ମଞ୍ଜୁରୀ ଆବେଦନ ବିଚାରଧୀନ ଥିବାକୁ ଖଣି ଖନନ ପାଇଁ ଜଙ୍ଗଲ ଅନୁମତି ମିଳିଯାଇଛି ବୋଲି କଦାପି ବିଚାର କରାଯାଇ ପାରିବ ନାହିଁ। ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଆଳ ଦେଖାଇ ଆବେଦନକାରୀଙ୍କୁ ବିନା ଜଙ୍ଗଲ ମଞ୍ଜୁରୀରେ ଖଣି ଖନନ ଓ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ। ସ୍ଥିତାବସ୍ଥା ଅବଧିକୁ ବୃଦ୍ଧି ନକରି ହାଇକୋର୍ଟ ଉଚିତ୍ ପଦକ୍ଷେପ ନେଇଛନ୍ତି। ତେବେ ହାଇକୋର୍ଟ ଯେଉଁ ସବୁ ଖଣି ମାମଲାରେ ସ୍ଥିତାବସ୍ଥା ଜାରି ରହିଛି ସେଗୁଡ଼ିକର ଆଜିଠୁ ୬ମାସ ମଧ୍ୟରେ ଶୁଣାଣି କରି ତା'ର ନିଷ୍ପତ୍ତି ଓ ସମାଧାନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି। ଏହାସହିତ ଏସଏଲପିକୁ ଖାରଜ କରିଦେଇଛନ୍ତି ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏହି ରାୟ ଅବଗତ କରାଇବାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଚଷୀଙ୍କ ପାଇଁ ଖୁସି ଖବର; ଧାନର ଏମ୍ଏସ୍‌ପି ବୃଦ୍ଧି

**ନୂଆଦିଲ୍ଲୀ :** ଚଷୀଙ୍କ ପାଇଁ ଖୁସି ଖବର। ୨୦୨୨-୨୩ ଶସ୍ୟ ବର୍ଷ ପାଇଁ କେନ୍ଦ୍ର ସରକାର ସର୍ବ ନିମ୍ନ ମୂଲ୍ୟ(ଏମଏସପି) ବୃଦ୍ଧି କରିଛନ୍ତି। ବିଭିନ୍ନ ଶସ୍ୟକୁ ନେଇ କୁଇଣ୍ଟାଲ ପିଛା ୧୦୦ରୁ ଆରମ୍ଭ କରି ୨,୦୪୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ତେବେ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଆର୍ଥିକ ବ୍ୟାପାର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସିଥିଲା। ଏହି ବୈଠକରେ ୨୦୨୨-୨୩ ଶସ୍ୟ ବର୍ଷ ପାଇଁ ଖରିଫ ଅମଳ ବାବଦକୁ ଏମଏସପି ବୃଦ୍ଧି ଲାଗି ମଞ୍ଜୁର ହୋଇଥିଲା। କ୍ୟାବିନେଟ ବୈଠକରେ ୧୪ଟି ଶସ୍ୟର ଏମଏସପି ବୃଦ୍ଧି ପାଇଁ ମଞ୍ଜୁର ହୋଇଥିଲା। ଏ ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମନ୍ତ୍ରୀ ଅନୁରାଗ ଠାକୁର ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ସାଧାରଣ ମାନର ବିଭିନ୍ନ ପ୍ରକାର ଶସ୍ୟର କୁଇଣ୍ଟାଲ ପିଛା ୨,୦୪୦ ବୃଦ୍ଧି କରାଯାଇଛି। ଯାହା ଗତ ବର୍ଷ ୧୯୪୦ ଟଙ୍କା ଥିଲା। ସେହିପରି ଏ ଗ୍ରେଡର ଶସ୍ୟର ମୂଲ୍ୟ କୁଇଣ୍ଟାଲ ପିଛା ୧୯୬୦ରୁ ୨୦୬୦କୁ ବୃଦ୍ଧି କରାଯାଇଛି। ଖରାଦିନିଆ ଅମଳ ହେଉଥିବା ଶସ୍ୟ ହେଉଛି ଜୀବନଧାରଣର ପ୍ରମୁଖ ଶସ୍ୟ। ଯାହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସେପଟେ ଚଳିତ ବର୍ଷ ଜୁନରୁ ସେପ୍ଟେମ୍ବର ମାସରେ ସ୍ୱାଭାବିକ୍ ମୌସୁମୀ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆଜିର ବୈଠକରେ ଗତ ୮ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଷ ସମ୍ପର୍କିତ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଚାଷୀମାନଙ୍କର ଆୟ ବୃଦ୍ଧି ପାଇଁ ମୋଦି ସରକାରଙ୍କ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ସର୍ବଭାରତୀୟ



ସ୍ତରରେ ଲାଗୁ ହାରାହାରୀ ଉତ୍ପାଦନ ଖର୍ଚ୍ଚ (ସିଓପି) ଠାରୁ ଅତିକମରେ ୫୦ ପ୍ରତିଶତ ଲାଭ ହାରରେ ଏମଏସପି ଦର ନିର୍ଦ୍ଧାରଣ କରିବା ନିମନ୍ତେ ୨୦୧୮-୧୯ କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିଲା। ଏହି ଘୋଷଣା ଅନୁରୂପ ୨୦୨୨-୨୩ ବିପଣନ ଋତୁ ପାଇଁ ଖରିଫ ଫସଲର ଏମଏସପିରେ ବୃଦ୍ଧି କରାଯାଇଛି । ଚାଷୀଙ୍କ ପାଇଁ ଉପଯୋଗୀ ନିରପେକ୍ଷ ଦର ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ଏମଏସପି ବଢ଼ାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବାଜରା, ହରଡ଼, ବିରି, ସୂର୍ଯ୍ୟମୁଖୀ ମଞ୍ଜି, ସୋୟାବିନ ଏବଂ ଚିନାବାଦାମର ଏମଏସପି ଉପରେ ଲାଭ ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରୀ ଉତ୍ପାଦନ ଖର୍ଚ୍ଚ ଠାରୁ ୫୦ ପ୍ରତିଶତ ଅଧିକ ନିର୍ଦ୍ଧାରଣ କରାଯାଇଛି ଯାହାକି ଯଥାକ୍ରମେ : ୮୫%, ୬୦%, ୫୯%, ୫୬%, ୫୩% ଏବଂ ୫୧% ରଖାଯାଇଛି। ବିଗତ କିଛି ବର୍ଷ ମଧ୍ୟରେ ଏମଏସପିକୁ ତୈଳବୀଜ, ଡାଲି ଏବଂ ମୋଟା ଶସ୍ୟ କ୍ଷେତ୍ରରେ ପୁନଃସଂଗଠିତ କରିବା ଲାଗି ଦୃଢ଼ ପ୍ରୟାସ କରାଯାଇଛି । ଏହି ଫସଲ ଅମଳ ପାଇଁ ଚାଷୀମାନଙ୍କୁ ବିସ୍ତୃତ କ୍ଷେତ୍ରକୁ ନେଇଯିବା ଏବଂ ଉତ୍କୃଷ୍ଟ ଜ୍ଞାନକୌଶଳ ଓ କୃଷି ପଦ୍ଧତି ଆପଣାଇବା ନିମନ୍ତେ ପ୍ରୋତ୍ସାହିତ କରାଯାଇଛି। ଚାହିଦା-ଯୋଗାଣ ମଧ୍ୟରେ ରହିଥିବା ଅସନ୍ତୁଳନକୁ ଦୂର କରିବା ଲାଗି ଉଦ୍ୟମ କରାଯାଇଛି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ହିତାଧିକାରୀଙ୍କୁ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ଭୁବନେଶ୍ୱର:** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପାଇଁ ପଦକ୍ଷେପ ନେବାକୁ ବୀମା କମ୍ପାନି, ବ୍ୟାଙ୍କ ଏବଂ ବିଭାଗୀୟ ଅଧିକାରୀଙ୍କୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏସଂକ୍ରାନ୍ତରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉପସ୍ଥିତି ଥିଲେ। ଝାରସୁଗୁଡ଼ା ଜିଲ୍ଲାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ହିତାଧିକାରୀ ଚାଷୀଙ୍କୁ ନେଇ ବେ ?ଠକରେ ଆଲୋଚନା ହୋଇଥିଲା। ପାଣିପାଗର ଅନିଶ୍ଚିତତା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମସ୍ତ ଚାଷୀ ଫସଲ ବୀମା ପଞ୍ଜୀକରଣ କରି ନିଜ ଫସଲକୁ ସୁରକ୍ଷିତ ରଖିବା ପାଇଁ କୃଷିମନ୍ତ୍ରୀ କହିଥିଲେ। ଏଥିସହିତ ଫସଲ ବୀମାରେ ବୈଷୟିକ ଜ୍ଞାନକୌଶଳ ବିନିଯୋଗ କରି କ୍ଷତି ଆକଳନ ପ୍ରକ୍ରିୟାକୁ ନିର୍ଭୁଲ ଓ ସୁଦୃଢ଼ କରିବା ନେଇ ଗୁରୁତ୍ୱ ଦିଆଯାଇଛି। ବୈଠକରେ ସମବାୟ ବିଭାଗର ସଚିବ ସଂଜୀବ କୁମାର ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ସମବାୟ ସମିତି ନିବନ୍ଧକ ଉଦ୍ଧବ ଚରଣ ମାଝୀ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ବି.ବି. ନନ୍ଦଙ୍କ ସମେତ ରିଲାଏନ୍ସ ଜିଆଇସି ଲିମିଟେଡ୍ର ପ୍ରତିନିଧି, ବିଭାଗୀୟ ବରିଷ୍ଠ ଅଧିକାରୀ, ଝାରସୁଗୁଡ଼ା ଜିଲ୍ଲାର ଲଖନପୁର, କୁଲାବିରା, ଲାଇକେରା, କିରିମିରା ଓ ଝାରସୁଗୁଡ଼ା ବ୍ଲକ୍ର ଅନେକ ଚାଷୀ ଉପସ୍ଥିତ ଥିଲେ।

### ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

# ବୁଲା, ଅସହାୟ ଓ ପରିତ୍ୟକ୍ତ ପ୍ରାଣୀମାନଙ୍କୁ ସହାୟତା କର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ ଜରିଆରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ରାଜ୍ୟସ୍ତରୀୟ ପ୍ରାଣୀସେବା ହେଲ୍ପ ଲାଇନ ସହିତ ଅନେକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜନସାଧାରଣଙ୍କୁ ନିବେଦନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଲା ଓ ପରିତ୍ୟକ୍ତ ପ୍ରାଣୀମାନଙ୍କ ଆବଶ୍ୟକତା ପ୍ରତି ପ୍ରତ୍ୟେକ ନାଗରିକ ସମ୍ବେଦନଶୀଳ ହୋଇ ସେମାନଙ୍କ ସେବା ଯୋଗାଇଦେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବୁଲା ଓ ଅସହାୟ ପ୍ରାଣୀମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାମ କରୁଛନ୍ତି। ସହରାଞ୍ଚଳରେ ହେଲ୍ପ ଲାଇନ ୟୁନିଟ୍ ସହିତ ପ୍ରାଣୀ ଆମ୍ବୁଲାନ୍ସ ଓ ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହିତ ଏଥିପାଇଁ କାମ କରୁଥିବା ଅଣ-ସରକାରୀ ଅନୁଷ୍ଠାନ ଗୁଡିକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ରାଜ୍ୟସ୍ତରୀୟ ପ୍ରାଣୀ ହେଲ୍ପ ଲାଇନ ଦ୍ୱାରା ଏହି ପଶୁ ମାନଙ୍କ ସେବା ଆହୁରି ତ୍ୱରାନ୍ୱିତ ହେବ



ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ଏବଂ ପ୍ରାଣୀସଂପଦ ବିଭାଗର କର୍ମଚାରୀ ମାନଙ୍କୁ ଏଥିରେ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବୁଲା ପ୍ରାଣୀ ମାନଙ୍କ ଚିକିତ୍ସା ଓ ସେବା ପାଇଁ ଜାରୀ ହୋଇଥିବା ରାଜ୍ୟସ୍ତରୀୟ ପ୍ରାଣୀ ହେଲ୍ପ ଲାଇନ ୧୯୬୨ ଦିନରାତି ଚବିଶ ଘଣ୍ଟା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଜରୁରୀ ସମୟରେ ପ୍ରାଣୀମାନଙ୍କୁ ଚିକିତ୍ସା ସେବା ମିଳିପାରିବ। ସେହିପରି ଟେଲି ଭେଟେରିନାରୀ ସେବା ବ୍ୟବସ୍ଥାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମତ୍ସ୍ୟ ଓ ପ୍ରାଣୀସଂପଦ କାର୍ଯ୍ୟକ୍ରମ ଗୁଡିକ ରାଜ୍ୟର ଚାଷୀ ମାନଙ୍କ ରୋଜଗାର ବୃଦ୍ଧି କରିବାରେ ସହାୟକ ହୋଇଛି ଏବଂ ରାଜ୍ୟ ସରକାର ସେମାନଙ୍କ ପ୍ରାଣୀସଂପଦକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନେକ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଟେଲି ଭେଟେରିନାରୀ ସେବା ବ୍ୟବସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆହୁରି ଦୃଢ଼ ହେବା ସହିତ ପ୍ରାଣୀପାଳକ ମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଇପାରିବ। ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ଟୋଲ୍ ଫ୍ରି ନମ୍ବର ୧୯୬୨ କିମ୍ବା ୧୫୫୩୩୩ ଜରିଆରେ ଫୋନ କରି ତୁରନ୍ତ ସହାୟତା ମିଳିପାରିବ। ରାଜ୍ୟର ୧୧ଟି ସହରରେ ଆନିମଲ୍ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି ଏବଂ ସବୁ ବ୍ଲକ୍ରେ ପ୍ରାଣୀସେବା କେନ୍ଦ୍ରର ସୁବିଧା ମଧ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀସଂପଦ ମ୍ୟାପିଂ ସିଷ୍ଟମର ଶୁଭାରମ୍ଭ ମଧ୍ୟ କରିଛନ୍ତି। ୫-ଟି ଉପକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ସବୁ ପ୍ରାଣୀ ଚାଷ ୟୁନିଟ୍ ଗୁଡିକର ଜିଓ ଟ୍ୟାଗିଂ ଓ ମ୍ୟାପିଂ କରାଯିବ ଏବଂ ଏହାକୁ ୱେବ୍-ଜିଆଇଏସ୍ ପ୍ଲାଟଫର୍ମରେ ଦେଖାଯାଇ ପାରିବ। ଏହାଦ୍ୱାରା ସ୍ୱଚ୍ଛତା ଓ ଉତ୍ତରଦାୟୀତା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ଅବସରରେ ବିଏଆଇଏଫ୍ ଇନ୍‌ଷ୍ଟିଚ୍ୟୁଟ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଏହି ବୁଝାମଣା ଅନୁଯାୟୀ ରାଜ୍ୟରେ ୧୫୦୦ କୃତ୍ରିମ ପ୍ରଜନନ ଟେକ୍ନିସିଆନ ନିୟୋଜିତ ହେବେ। ଏହାସହିତ ଗୋପାଳପୁର ଠାରେ ଭେକ୍ଟି ଯାଆଁଳ ହାଚେରୀ ପ୍ରତିଷ୍ଠା ପାଇଁ ରାଜୀବ ଗାନ୍ଧୀ ସେଣ୍ଟର ଫର ଆକ୍ୱା କଲ୍ଚର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଭେକ୍ଟୀ ମାଛର ଚାହିଦା ବହୁତ ଅଧିକ ଥିବାରୁ ଏହା ମାଛଚାଷୀ ମାନଙ୍କର ରୋଜଗାର ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗ ପକ୍ଷରୁ ରାଜ୍ୟର ପ୍ରାଣୀସଂପଦର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାଣୀପାଳକ ମାନଙ୍କର ରୋଜଗାର ବୃଦ୍ଧିରେ ସହାୟକ ହେବ ବୋଲି ପ୍ରକାଶ କରି ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ସଚିବ ଆର. ରଘୁପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ମୁଖ୍ୟଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ମିଶନ ଶକ୍ତି କମିଶନର-ତଥା-ସଚିବ ଏବଂ ବିଭିନ୍ନ ଜିଲ୍ଲାରେ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ରଥଯାତ୍ରା ଓ ସ୍ନାନଯାତ୍ରା ପାଇଁ ନୀତି ନିର୍ଘଣ୍ଟ

# ସ୍ନାନ ମଣ୍ଡପରେ ୩ ଘଣ୍ଟା ଦର୍ଶନ ସୁଯୋଗ

**ପୁରୀ :** ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ରାଜାଦ୍ରିଭିଷେକଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଉପରେ ବାଜିଛି ମୋହର। ବୈଠକରେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ସମ୍ପର୍କରେ ନିଷ୍ପତ୍ତି ହୋଇଛି। ସେହିଭଳି ସ୍ନାନପୂର୍ଣ୍ଣିମା ନୀତି ଏବଂ ଅନ୍ୟ ନୀତି ସମୟରେ ଶ୍ରଦ୍ଧାଳୁ ଯେପରି ମହାପ୍ରଭୁଙ୍କୁ ଭଲରୂପେ ଦର୍ଶନ କରିପାରିବେ ସେନେଇ ବୈଠକରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ସମ୍ପର୍କରେ ହୋଇଛି ନିଷ୍ପତ୍ତି । ଦୁଇ ବର୍ଷ ପରେ ଭକ୍ତଙ୍କ ଗହଣରେ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରା । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବେ ଭକ୍ତ। ଜୁନ୍ ୧୪ ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ମଙ୍ଗଳାର୍ପଣ, ଡୋରଲାଗି ଓ ପୁଷ୍ପାଞ୍ଜଳି ପରେ ଭୋର୍ ୪ଟାରୁ ଆରମ୍ଭ ହେବ ପହଣ୍ଡି। ସକାଳ ୬ଟା ସୁଦ୍ଧା ପହଣ୍ଡି ଶେଷ ହେବ। ସକାଳ ୯ଟା ୩୦ରୁ ୧୧ଟା ୩୦ ମଧ୍ୟରେ ଜଳବିଜେ ଓ ପୂଜା ବିଧି ପରେ ମଧ୍ୟାହ୍ନ ୧୨ଟା ୧୫ରୁ ଅପରାହ୍ନ ୨ଟା ୩୦ ମଧ୍ୟରେ ହାତୀବେଶ ସମ୍ପନ୍ନ ହେବ। ଶ୍ରୀବିଗ୍ରହମାନଙ୍କୁ ଜଳଲାଗି ଓ ହାତୀବେଶ ପରେ ଭକ୍ତମାନେ ବଡ଼ଦାଣ୍ଡରୁ ୩ଘଣ୍ଟା ପାଇଁ ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସୁଯୋଗ ପାଇବେ। ସ୍ନାନବେଦୀର ଶ୍ରୀଜିଉମାନଙ୍କୁ ଜଳଲାଗି ସମୟରେ ଓ ହାତୀବେଶ ଓଲାଗି ସମୟରେ ଶୃଙ୍ଖଳା ରକ୍ଷା ପାଇଁ ସେବାୟତମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ଶ୍ରୀବିଗ୍ରହମାନଙ୍କ ସମ୍ମୁଖରେ ଯେଭଳି କୌଣସି ସେବାୟତ ଠିଆ ହୋଇ ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି ନକରିବେ ସେନେଇ ଗୁରୁତ୍ୱ ଦିଆଯାଇଛି । ଏହି ସମୟରେ ବିଶୃଙ୍ଖଳା ଆଚରଣ ଉପରେ ନଜର ରଖିବାକୁ ସ୍ନାନମଣ୍ଡପରେ ସିସିଟିଭି ଓ ଭିଡିଓ ରେକର୍ଡ଼ିଂର ବ୍ୟବସ୍ଥା କରାଯିବ। ସମନ୍ୱୟ ରକ୍ଷା କରି ନୀତି ଶୃଙ୍ଖଳିତ ଓ ବ୍ୟବସ୍ଥିତ କରାଯିବ ବୋଲି କହିଛନ୍ତି ସେବାୟତ। ସେପଟେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଏସପିଙ୍କ ସହ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ। ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଅଧିକ ପାର୍କିଂ ସ୍ଥାନ ନିରୂପଣ କରାଯିବ ବୋଲି କହିଛନ୍ତି। ସେହିଭଳି ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସେବାୟତଙ୍କ ବାସଗୃହ ଯୋଜନା, ଆଦର୍ଶ ଗୁରୁକୂଳ ପାଇଁ ହୋଇଥିବା ସୋସାଇଟି ଓ ବାଇଲ ଅନୁମୋଦନ ସହ ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା।

## 'ଚାଷୀଙ୍କ ଆୟରେ ଓଡ଼ିଶା ବହୁ ପଛରେ'



**ଭୁବନେଶ୍ୱର :** କେନ୍ଦ୍ର ସରକାର ୧୭ଟି କୃଷିଜାତ ଦ୍ରବ୍ୟର ଦର ବଢ଼ାଇଛନ୍ତି। ଏପରି ନିଷ୍ପତ୍ତିରେ ରାଜ୍ୟ ଓ କେନ୍ଦ୍ରର ଚାଷୀ ଖୁସି ଅଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଓଡ଼ିଶାର ଚାଷୀଙ୍କ ତରଫରୁ ଧନ୍ୟବାଦ ଜଣାଉଛି ବିଜେପି ନେତା ପ୍ରଦୀପ ପୁରୋହିତ। ତେବେ ବିଜେଡି କାହିଁକି ଏମ୍‌ଏସ୍‌ପି ବୃଦ୍ଧିରେ ଖୁସି ହେଉନି ଜଣାପଡୁନି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ପୁରୋହିତଙ୍କ କହିବା ଅନୁସାରେ ୨୩ ବର୍ଷ ଶାସନ କାଳ ଭିତରେ ଚାଷୀଙ୍କ ଆୟ ବଢ଼ାଇ ପାରିଲାନି ବିଜେଡି। ଚାଷୀଙ୍କ ଆୟରେ ଓଡ଼ିଶା ଦେଶରେ ବହୁ ପଛରେ। ଚାଷୀଙ୍କୁ ୧୦୦ ଟଙ୍କାର ବୋନସ୍ ଦେବାକୁ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ଘୋଷଣା କରିଥିଲେ। କୁଆଡେ ଗଲା ସେ ବୋନସ୍ ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ପୁରୋହିତ ଆହୁରି କହିଛନ୍ତି, କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ୧୦୦ ଟଙ୍କା ବଢ଼ାଇ ୨୦୪୦ ଟଙ୍କା କରିଛନ୍ତି। ମଣ୍ଡିରେ କିଭଳି ଅବ୍ୟବସ୍ଥା ଚାଲିଛି, ତାହା ରାଜ୍ୟର ଚାଷୀ ଜାଣନ୍ତି। ଏବେ ରାଜ୍ୟ ସରକାର ଉତ୍ତରଦାୟିତ୍ୱ ନିଅନ୍ତୁ, ବିନା ବାଟ ମାରଣାରେ ଚାଷୀଙ୍କ ପାଖକୁ ଯେଭଳି ଏହି ସହାୟକ ମୂଲ୍ୟ ଠିକ ଭାବରେ ପହଞ୍ଚିବ ବୋଲି ଶ୍ରୀ ପୁରୋହିତ କହିଛନ୍ତି।

# ପ୍ଲେ'ଷ୍ଟୋର୍‌ରୁ ୪୫ ଲୋନ୍-ଆପ୍ ହଟାଇବାକୁ ଗୁଗୁଲ୍‌କୁ ଚିଠି

**ଭୁବନେଶ୍ୱର:** ଋଣ ଯୋଗାଇବା ଆଳରେ ବ୍ଲାକମେଲ୍ କରି ଲୋକଙ୍କୁ ଲୁଟୁଥିବା ଆରବିଆଇ ଅନଧିକୃତ କିଛି ସଂସ୍ଥାର ମୋବାଇଲ୍ ଆପ୍ଲିକେସନ୍ ଗୁଡ଼ିକୁ ପ୍ଲେ' ଷ୍ଟୋରରୁ ହଟାଇବା ପାଇଁ କ୍ରାଇମ୍‌ବ୍ରାଞ୍ଚ୍ ଇଓଡବ୍ଲୁ ଗୁଗୁଲ୍‌କୁ ଚିଠି ଲେଖିଛି। ପୂର୍ବରୁ କୋକୋ ଓ ଜୋଜୋ ନାମକ ୨ଟି ଆପ୍‌କୁ ପ୍ଲେ' ଷ୍ଟୋରରୁ ହଟାଇବା ସହ ଉକ୍ତ ସଂସ୍ଥା ବାବଦରେ ଇଓଡବ୍ଲୁ ଗୁଗୁଲ୍‌କୁ ତଥ୍ୟ ମାଗିଥିଲା। ଏହି ୨ଆପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହିଭଳି ଆଉ ପ୍ରାୟ ୪୫ଟି ଆପ୍ ଅଧିକ ସୁଧ ଆଦାୟ କରିବାକୁ ଯାଇ ଲୋକଙ୍କୁ ମାନସିକ ନିର୍ଯାତନା ଦେଉଥିବା ଇଓଡବ୍ଲୁ ପାଖରେ ଅଭିଯୋଗ ହୋଇଥିଲା। ଏପରିକି ଋଣଗ୍ରହୀତାର ମୋବାଇଲ୍‌ରୁ ସମସ୍ତ ବ୍ୟକ୍ତିଗତ ତଥ୍ୟ, ଫୋନ୍ ନମ୍ବର ନେଇ ପରିବାର ଓ ସାଙ୍ଗଙ୍କୁ ଦେବାଳିଆ ଭଳି ଅପମାନିତ କରୁଥିବା କୁହାଯାଇଥିଲା। ଏନେଇ ଅନେକ ଆତ୍ମହତ୍ୟା ମଧ୍ୟ କରିଥିବା ଇଓଡବ୍ଲୁ ସୂଚନା ଦେଇଛି। ତେଣୁ ଗୁଗୁଲ୍ ନିଜସ୍ୱ ଟିମ୍ ଦ୍ୱାରା ଏହି ସନ୍ଦିଗ୍ଧ ଆପ୍ ଗୁଡ଼ିକର ବିଶ୍ୱସନୀୟତା ଯାଞ୍ଚ୍ କରି ପ୍ଲେ' ଷ୍ଟୋରରୁ ହଟାଇବା ପାଇଁ ଇଓଡବ୍ଲୁ ଚିଠି ଲେଖିଛି। ଗୁରୁତ୍ୱପୂର୍ଣ୍ଣ କଥା, ପ୍ଲେ' ଷ୍ଟୋର୍‌ରେ




ଉପଲବ୍ଧ ସମସ୍ତ ଋଣ ପ୍ରଦାନକାରୀ ଆପ୍ ଯେମିତି ଆର୍‌ବିଆଇ ଓ ଗୁଗୁଲ୍‌ର ନିୟମ ପରିଧିରେ ରହି କାମ କରିବେ ତାହା ଉପରେ ମଧ୍ୟ ପ୍ରାଧାନ୍ୟ ଦେବାକୁ ଇଓଡବ୍ଲୁ ଚିଠି କରିଛି। ଯେଉଁଥିରେ ଋଣପ୍ରଦାନକାରୀ ଆପ୍ଟି ଆର୍‌ବିଆଇ ସ୍ୱୀକୃତିପ୍ରାପ୍ତ ବୋଲି ସ୍ପଷ୍ଟ ପଂଜୀକରଣ ପତ୍ର ରହିବ। ଏହା ସହ ଆର୍‌ବିଆଇ ନିୟମାବଳୀ, ଆପ୍ ତିଆରି କରିଥିବା ଲୋକ ଏବଂ ସେମାନଙ୍କ କାର୍ଯ୍ୟାଳୟର ଠିକଣା ଆଦି ବିସ୍ତୃତ ଭାବେ ରହିବ। ବନ୍ଦ ହେବାକୁ ଥିବା ଆପ୍ ଗୁଡିକ ହେଉଛି ବିଲୋନ୍ ଆପ୍, ଗୋ କ୍ୟାସ୍, ଗୋ ଗୋ ଲୋନ୍, ଆଇଏନଏସ୍ ଲୋନ୍, ଆସାନ୍ ଲୋନ୍, ଫାଷ୍ଟ କ୍ୟାସ୍/କ୍ୟାସ୍ ଫାଷ୍ଟ, ଫ୍ଲିପକ୍ୟାସ୍, ରୁପି ୱାଲେଟ୍, ରୁପି କିଙ୍ଗ୍, ଫାଷ୍ଟ୍ ରୁପି, ଇଜି କ୍ରେଡିଟ ଲୋନ୍, କ୍ୟାସ୍ କୋଲା, ଇନଫିନିଟି, ସନସାଇନ୍, ଆଗ୍ଲେ ଲୋନ୍, ଏଜିଏଲଓଏନଆ୍, କ୍ରେଡିଟ୍ ୱାଲେଟ୍, ଓବି କ୍ୟାସ୍ ଲୋନ୍, ଅନଷ୍ଟ୍ରିମ୍ ଆପ୍, ମନି ଟ୍ରି, ଡିସକଭର୍ ଲୋନ୍, କ୍ୟାସ୍ ପକେଟ୍, ହେଲୋ ରୁପି, ସ୍ମଲ୍ କ୍ରେଡିଟ୍, ମନି ହାଉସ୍/କ୍ରିଷ୍ଟାଲ ଲୋନ୍, ଫ୍ରେସ୍ ଲୋନ୍, କ୍ୟାସ୍ ରୁମ୍, ପେସିନ୍ ବି, ଲାଇଫ ଷ୍ଟ୍ରିମ୍ ଲୋନ୍, ଷ୍ଟାର୍ ଲୋନ୍, ୟେସ୍ ରୁପି, ଏସଲାଇଟ୍ ଲୋନ୍, ଏରିଏକୋ ଲୋନ୍, ଫାଷ୍ଟ କଏନ୍/କ୍ୟାସ୍ ଆଡଭାନ୍ସ, ଲକି ରୁପି/କ୍ୱିକ୍ ଲୋନ୍/ବାଇକ୍ ଲୋନ୍/କ୍ୟାସ୍ ମାର୍କେଟ୍/ମନି ଲୋନ୍, ଫେୟାର୍ କ୍ରେଡିଟ୍ ଲୋନ୍, ଓକେ ରୁପି ଲୋନ୍, ହୋନ୍ ଲୋନ୍/ରୁପି ଟାଇଗର୍/ଗେଟା କ୍ୟାସ୍/ଲିଟିଲ୍ ବରୋ/ରିଚ୍ କ୍ୟାସ, ରୁପି ସ୍ପାର୍କ, ମୋର୍ କ୍ୟାସ୍/ଫିସ୍ ଲୋନ୍, ଫ୍ଲସ୍ ରୁପି, ଧାନି ଲୋନ୍, ମ୍ୟାଜିକ ମନି ଲୋନ୍, ମନି ଭୋଲ୍ଟ, ଇନଷ୍ଟାଣ୍ଟ ଲୋନ୍/ଦତ୍ତା ଲୋନ୍/ବାଇକ୍ ଲୋନ୍/ମୋବାଇଲ୍ ଲୋନ।

### ଦୀର୍ଘ ସମୟ ଧରି ଛିଡ଼ା ହେଉଥିବା ବ୍ୟକ୍ତି ସାବଧାନ

## ଜଟିଳ ହୋଇପାରେ ଗୋଡ଼, ପାଦ ଶିରା ସମସ୍ୟା

**ଭୁବନେଶ୍ୱର :** ଟ୍ରାଫିକ ପୁଲିସ, ହୋମଗାର୍ଡ କିମ୍ବା ଚୌକିଦାର ଭଳି କୌଣସି କାର୍ଯ୍ୟ ପାଇଁ ୧୨ ଘଣ୍ଟା ଧରି ଛିଡ଼ା ହେବା ଯୋଗୁଁ ପ୍ରାୟ ୫ ପ୍ରତିଶତ ବ୍ୟକ୍ତି ଭାରିକୋଜ୍ ଭେନ୍ ବା ଗୋଡ଼ କିମ୍ବା ପାଦ ଶିରା, ମାଂସପେଶୀରେ ଯନ୍ତ୍ରଣା କିମ୍ବା ଫୁଲା ଭଳି ସମସ୍ୟା ସୃଷ୍ଟି ହେଉଛି। କିଛି ବ୍ୟକ୍ତିଙ୍କ ଠାରେ ଏହା ଗୁରୁତର ହୋଇ ଚର୍ମରେ ଅଲସର ହୋଇ ବେଳେବେଳେ ଏହା ଫାଟିଯାଏ। ସାଧାରଣରେ ବିଶ୍ୱାସ ରହିଛି ଯେ ଏଥିପାଇଁ ବିଶେଷ ଚିକିତ୍ସା ନାହିଁ କିମ୍ବା ଅତି ଜଟିଳ ଅସ୍ତ୍ରୋପଚାର କରିବାକୁ ପଡ଼େ। ମାତ୍ର ଏମ୍ସର ନୂତନ ବିଶେଷଜ୍ଞ ଟିମ୍ ମାତ୍ର ଛୋଟ ଛୁଞ୍ଚିରେ ଭାରିକୋ ଭେନ୍ ବନ୍ଦ କରି ଦେଲେ ଏହି ରୋଗରୁ ମୁକ୍ତି ମିଳିଯାଏ। ଏଥିପାଇଁ ଦୀର୍ଘଦିନ ଧରି ଡାକ୍ତରଖାନାରେ ରହିବାକୁ ମଧ୍ୟ ପଡୁନାହିଁ। ମାତ୍ର କିଛି ସମୟ ମଧ୍ୟରେ ଡାକ୍ତରଖାନାରୁ ଡିସଚାର୍ଜ ମିଳିଯାଉଛି। ଯେମିତି ରୋଗୀ ସ୍ୱାଭାବିକ ଭାବରେ ନିଜ କାର୍ଯ୍ୟ ମଧ୍ୟ କରିପାରିବ। ଏମ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଦୀର୍ଘ ସମୟ ଧରି ଠିଆ ହେବା ସହିତ ବଂଶଗତକାରଣ, ମେଦବହୁଳତା, ଗର୍ଭଧାରଣ, ବୃଦ୍ଧାବସ୍ଥା ଯୋଗୁଁ ଗୋଡ଼ ଶିରା ଅସ୍ୱାଭାବିକ ଭାବରେ ବଢ଼ି ଭାଲ୍ଭ



ଗୁଡ଼ିକ ଦୁର୍ବଳ ହୋଇଯାଏ। ମହିଳାଙ୍କ କ୍ଷେତ୍ରରେ ଏହି ସମସ୍ୟା ବେଶି ଦେଖାଯାଉଛି। ଏହି ରୋଗରୁ ରକ୍ଷା ପାଇଁ ଦୀର୍ଘ ସମୟ ଧରି ଠିଆ ନହେବା, ଓଜନ ହ୍ରାସ କରିବା, ଢିଲା ପିନ୍ଧିବା, ଶୋଇବା ସମୟରେ ଗୋଡ଼କୁ ଉଠାଇ ରଖିବାକୁ ଡାକ୍ତରମାନେ କହୁଛନ୍ତି। ସାମାନ୍ୟ ଲକ୍ଷଣ ବାହାରିଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଉଛି। ଏମ୍ସ ପ୍ଲାଷ୍ଟିକ ସର୍ଜରି ବିଭାଗର ସହକାରୀ ପ୍ରଫେସର ସଞ୍ଜୟ ଗିରି, ରେଡିଓଲୋଜି ବିଭାଗର ସହଯୋଗୀ ପ୍ରଫେସର ତାରା ପ୍ରସାଦ ତ୍ରିପାଠୀ, ସହଯୋଗୀ ପ୍ରଫେସର ରଞ୍ଜନ ପଟେଲଙ୍କୁ ନେଇ ଗଠିତ ଟିମ୍ ଏହି ଚିକିତ୍ସା କରୁଛନ୍ତି। ରାଜ୍ୟର ଏକମାତ୍ର ସରକାରୀ ଡାକ୍ତରଖାନା ଭାବରେ ଏମ୍ସରେ ଏହି ଚିକିତ୍ସା ହେଉଛି।

## ରାଜ୍ୟରେ ଦ୍ୱିତୀୟ ଡୋଜ୍ ନେଇ ନାହାନ୍ତି ୩୦ ଲକ୍ଷ



**ଭୁବନେଶ୍ୱର :** ରାଜ୍ୟରେ ୩୦ଲକ୍ଷ ଲୋକ ନିଜର ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି। ଏଥିରେ ୧୮ବର୍ଷରୁ ଅଧିକ ୨୧ଲକ୍ଷ ଥିବା ବେଳେ ୧୨-୧୪ ଓ ୧୫-୧୭ବର୍ଷର ୯ଲକ୍ଷ ଦ୍ୱିତୀୟ ଡୋଜ୍ ହିତାଧିକାରୀ ରହିଛନ୍ତି। ଦେଶରେ ଏବେ କରୋନାର ଚତୁର୍ଥ ଲହର ଆରମ୍ଭ ହୋଇଥିବା କୁହାଯାଉଛି। କିଛି ରାଜ୍ୟରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ରାଜ୍ୟରେ ଏତେ ସଂଖ୍ୟକ ଲୋକ ନିଜର ଦ୍ୱିତୀୟ ଡୋଜ୍ ଟିକା ନ ନେବା ପ୍ରଶାସନ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଚଳିତମାସରୁ କେନ୍ଦ୍ର ସରକାର ଆସନ୍ତା ୨ମାସ ପାଇଁ ହର ଘର ଦସ୍ତକ୍ ୨.୦ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଟିକା ନେଇ ନ ଥିବା ଲୋକଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ଟିକା ନେବା ପାଇଁ ବୁଝାଉଛନ୍ତି। କୌଣସି ଲୋକ ଯେପରି ଟିକାକରଣରୁ ବାଦ୍ ନ ପଡ଼ନ୍ତି ତାହାକୁ ରାଜ୍ୟରେ ସୁନିଶ୍ଚିତ କରିବା ଲାଗି ରାଜ୍ୟରେ ବର୍ତ୍ତମାନସୁଦ୍ଧା ୬କୋଟି ୭୬ଲକ୍ଷ ୧୯ହଜାର ୧୭୦ ଡୋଜ୍ ଟିକା ଦିଆଗଲାଣି। ଏଥିରେ ୧୮-୪୪ବର୍ଷର ୧କୋଟି ୮୩ଲକ୍ଷ ୨୫ହଜାର ୨୧୮ ପ୍ରଥମ ଓ ୧କୋଟି ୬୫ଲକ୍ଷ ୯୨ହଜାର ୯୬୧ ଦ୍ୱିତୀୟ ଡୋଜ୍ ନେଇଛନ୍ତି। କିନ୍ତୁ ପ୍ରିକସନ୍ ଡୋଜ୍ ଟିକାକରଣ ସଂପୂର୍ଣ୍ଣଭାବେ ଧିମେଇ ଯାଇଛି। ବର୍ତ୍ତମାନସୁଦ୍ଧା ୫୭,୦୧୯ ଜଣ ନିଜର ପ୍ରିକସନ୍ ଡୋଜ୍ ନେଇଛନ୍ତି। ୬୦ବର୍ଷରୁ ଅଧିକ ବୟସ୍କଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କ ପାଇଁ ଘରୋଇ ହସ୍ପିଟାଲରେ ଟଙ୍କା ଦେଇ ପ୍ରିକସନ୍ ଡୋଜ୍ ନେବାର ବ୍ୟବସ୍ଥା ରହିଛି। ଏ ଦୃଷ୍ଟିରୁ ଲୋକମାନେ ପ୍ରିକସନ୍ ଡୋଜ୍ ପାଇଁ ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିବା କୁହାଯାଉଛି। ରାଜ୍ୟ କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ୧୨ବର୍ଷରୁ ଅଧିକ ଲୋକଙ୍କ ଭିତରେ ୩୦ଲକ୍ଷ ନିଜର ଦ୍ୱିତୀୟ ଡୋଜ୍ ନେଇ ନାହାନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ହର ଘର ଦସ୍ତକ୍ ୨.୦ ଅଭିଯାନ ଜାରି ରହିଛି। ପୂର୍ବରୁ ଯେଉଁଭଳି ଭାବେ ଘରକୁ ଘର ବୁଲି ଟିକା ନେଇ ନ ଥିବା ଲୋକଙ୍କୁ ଚିହ୍ନଟ କରାଯାଉଥିଲା ତାହା କରାଯାଉଥିବା ଡା.ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଜୁଲାଇ ସୁଦ୍ଧା ଚାଷୀଙ୍କ ତଥ୍ୟ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

# ପଞ୍ଜୀକୃତ ହେଲେଣି ୪୯ ଲକ୍ଷ, ୯୭ଟି ମାନକରେ ଦେଉଛନ୍ତି ତଥ୍ୟ

**ଭୁବନେଶ୍ୱର :** ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତ କରୁଛନ୍ତି କେନ୍ଦ୍ର ସରକାର। ଏଥିପାଇଁ ଜୁଲାଇ ସୁଦ୍ଧା କୃଷକ ଓଡ଼ିଶା ପୋର୍ଟାଲରେ ସମସ୍ତ ଚାଷୀଙ୍କୁ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା କେବଳ ୪୯ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୨୦୧୫ ମସିହାର ସର୍ଭେ ଅନୁସାରେ ଓଡ଼ିଶାରେ ୪୮.୬୬ ଲକ୍ଷ କୃଷି ପରିବାର ଅଛନ୍ତି। ତେଣୁ ଚାଷୀଙ୍କ ସଂଖ୍ୟା ଆହୁରି ଅନେକ ଅଧିକ। ପ୍ରଚାର ପ୍ରସାର ଅଭାବରୁ ଚାଷୀମାନେ ନିଜକୁ ପଞ୍ଜୀକୃତ କରୁନଥିବାରୁ ରାଜ୍ୟ କୃଷି ବିଭାଗର ଚିନ୍ତା ବଢ଼ିଛି।ରାଜ୍ୟରେ ବଡ଼, କ୍ଷୁଦ୍ର, ନାମମାତ୍ର ଏବଂ ଭାଗଚାଷୀଙ୍କୁ ନେଇ ସରକାରଙ୍କ ପାଖରେ ସ୍ପଷ୍ଟ ଚିତ୍ର ନାହିଁ। ଏଥିଯୋଗୁଁ ଯୋଜନା ପ୍ରସ୍ତୁତ ବେଳକୁ ବିଭାଗକୁ ହଇରାଣ ହେବାକୁ ପଡ଼ିଥାଏ। ବିଶେଷକରି ଭାଗଚାଷୀଙ୍କୁ ସରକାର ପ୍ରକୃତ ଚାଷୀର ମାନ୍ୟତା ଦେଇଥିଲେ ମଧ୍ୟ ସେମାନେ ଆଜି ପର୍ଯ୍ୟନ୍ତ କୌଣସି ଯୋଜନାର ଲାଭ ପାଉ ନାହାନ୍ତି। ସେମାନଙ୍କ ସଂଖ୍ୟା ମଧ୍ୟ କାହା ପାଖରେ ନାହିଁ। ଚାଷୀ ସଂଖ୍ୟା ନେଇ ବିଧାନସଭାରେ ବିଭିନ୍ନ ସମୟରେ ପ୍ରଶ୍ନ ବେଳକୁ ମଧ୍ୟ ସରକାରଙ୍କୁ ଅପଦସ୍ଥ ହେବାକୁ ପଡ଼ିଥାଏ। କୃଷକ ଓଡ଼ିଶା ପୋର୍ଟାଲରେ ସମସ୍ତ ଚାଷୀ ପଞ୍ଜୀକୃତ ହୋଇପାରିଲେ ରାଜ୍ୟକୁ ମଧ୍ୟ ଚାଷୀଙ୍କ ସଂଖ୍ୟା ନେଇ ଚିତ୍ର ମିଳିପାରିବ। ସେହି ଅନୁଯାୟୀ ଯୋଜନା ପ୍ରସ୍ତୁତ, ରିହାତି ପ୍ରଦାନ ସହଜ ହେବ।କୃଷକ ପୋର୍ଟାଲରେ କୃଷି, ଉଦ୍ୟାନ, ମତ୍ସ୍ୟଜୀବୀ, କ୍ଷୀର ଚାଷୀ, ଫୁଲ ଚାଷୀ, ଗୋପାଳକ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଚାଷୀ ନିଜ ନାମ, ଠିକଣା, ପେସା, ଜମି ପରିମାଣ ସମେତ ୯୭ଟି ମାନକରେ ତଥ୍ୟ ଦେଉଛନ୍ତି। ବଡ଼, କ୍ଷୁଦ୍ର, ନାମମାତ୍ର, ଭାଗଚାଷୀ, ନଦୀ, ପୋଖରୀ, ସମୁଦ୍ର ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀ ସମେତ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ ପ୍ରତ୍ୟେକ ଛୋଟ-ବଡ଼ ବ୍ୟକ୍ତି ଏଥିରେ ସାମିଲ ହେଉଛନ୍ତି। ଏପରିକି ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ମଧ୍ୟ ଚାଷ



କାର୍ଯ୍ୟ ଉପରେ ନିର୍ଭରଶୀଳ ଥିଲେ ପଞ୍ଜୀକରଣ କରିବେ। ଜଣେ ବ୍ୟକ୍ତି କୃଷି, ଉଦ୍ୟାନ, ମତ୍ସ୍ୟଜୀବୀ, ଗୋପାଳନ, କ୍ଷୀରଚାଷୀ ଆଦି ସବୁ କାର୍ଯ୍ୟ କରୁଥିଲେ ସେମାନେ ସ୍ୱତନ୍ତ୍ର ଭାବରେ ମାତ୍ର ୨୦-୨୦ ଟଙ୍କାରେ ସବୁଥିରେ ପଞ୍ଜୀକରଣ କରିବେ। ଏଥିପାଇଁ ଖର୍ଚ୍ଚର ୫୦ ଭାଗ ନିଜେ ରାଜ୍ୟ ସରକାର ଦେବେ। ଚାଷୀ କିମ୍ବା ମୋ ସେବା କେନ୍ଦ୍ରରେ ଏହି ପଞ୍ଜୀକରଣ କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଚାଷୀଙ୍କୁ କୃଷକ ପରିଚୟ ପତ୍ର ଦିଆଯାଏ। ଅନେକ ଚାଷୀଙ୍କ ପାଖରେ ଏହି ପରିଚୟ ପତ୍ର ମଧ୍ୟ ରହିଛି। ଏହା ସତ୍ତ୍ୱେ ଓଡ଼ିଶା କୃଷକ ପୋର୍ଟାଲରେ ସମସ୍ତେ ପଞ୍ଜୀକରଣ କରିବାକୁ ବିଭାଗ କହିଛି। ଆଧାର କାର୍ଡ ଭଳି ଆଗାମୀ ଦିନରେ ଏହା ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ପୋର୍ଟାଲରେ ପଞ୍ଜୀକୃତ ଚାଷୀଙ୍କୁହିଁ ପ୍ରକୃତ ଚାଷୀର ମାନ୍ୟତା ଦିଆଯିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଡିବିଟିରେ ସବୁ କୃଷି ଯୋଜନାର ରିହାତି, ନେଟୱର୍କ ନଥିବା ଅଞ୍ଚଳକୁ ଅତୁଆ ବିହନ ଭଳି ସବୁ କୃଷି ଯୋଜନାର ରିହାତି ଡିବିଟି ପ୍ରକ୍ରିୟାରେ ହେବ। ଅର୍ଥାତ ଗୋସୁଗମ ପୋର୍ଟାଲରେ ଆବେଦନ କରି ଇ-ରୁପି ଭାଉଚରରେ ଜେନେରେଟ ହେବ। ଏହାପରେ ଚାଷୀଙ୍କ ଆକାଉଣ୍ଟରେ ବିଭିନ୍ନ ଯୋଜନାର ରିହାତି ଟଙ୍କା ଜମା ହେବ। ବିହନ ଭଳି ସାର, କୀଟନାଶକ, ଅଣୁସାର, କୃଷି ଯନ୍ତ୍ରପାତି, ବାୟୋପେଷ୍ଟିସାଇଡ ଭଳି ବିଭିନ୍ନ ଯୋଜନାରେ ଚାଷୀଙ୍କୁ ରିହାତି ମିଳେ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ କିଛି ଯୋଜନାରେ ଆହୁରି ସୁବିଧା ରହିଛି। ପୂର୍ବରୁ ପ୍ୟାକ୍ସ କିମ୍ବା ପଞ୍ଜୀକୃତ ବିକ୍ରୟ କେନ୍ଦ୍ରରୁ ଚାଷୀ ଏହା କ୍ରୟ କରୁଥିଲା। ମାତ୍ର ଅନେକ ସମୟରେ ବିଭାଗ ପକ୍ଷରୁ ଚାଷୀଙ୍କୁ ଦିଆଯାଉଥିବା ରିହାତି ଟଙ୍କା ହଡ଼ପ ହେଉଥିବା ନେଇ ଅଭିଯୋଗ ହେଉଥିଲା। ତେଣୁ ଡିବିଟି ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଆକାଉଣ୍ଟରେ ରିହାତି ପ୍ରଦାନ ପାଇଁ ସରକାରୀ ବ୍ୟବସ୍ଥା ଆରମ୍ଭ ହୋଇଛି। ୨୦୧୬ ମସିହାରୁ ପୂର୍ବରୁ ଓଡ଼ିଶା ଏହା କାର୍ଯ୍ୟକାରୀ କରି ବନ୍ଦ କରି ଦେଇଥିଲା। ବର୍ତ୍ତମାନ ଏହା ପୁନର୍ବାର ଆରମ୍ଭ ହୋଇଛି। ନେଟୱର୍କ ସିଷ୍ଟମ ଏବଂ ଅନେକ ଚାଷୀଙ୍କ ପାଖରେ ମୋବାଇଲ ନଥିବାରୁ ସେମାନଙ୍କ ପାଇଁ ଏହି ଯୋଜନା ଅତୁଆ ସୃଷ୍ଟି କରିବ। ଏହାର ଝଲକ ସରକାରୀ ବିହନ ବିହନ ବିକ୍ରି ବେଳକୁ ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟରେ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଗାଁରେ ନେଟୱର୍କ ନାହିଁ। ଆହୁରି ଅନେକ ଚାଷୀଙ୍କ ମୋବାଇଲ ନାହିଁ ସେମାନଙ୍କ ପାଇଁ ଏହା ଅସୁବିଧା ସୃଷ୍ଟି କରିବ ବୋଲି ଅଭିଯୋଗ ହେଉଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ଜୁନ୍, ୨୦୨୨

# ନିଜର ସୁରକ୍ଷା ନିଜ ହାତରେ

ପୁଣି ଡରାଇଲାଣି କରୋନା। ଏପଟେ ଜାଳୁଚି ଖରା ଓ ବଜାର ଦର। ଏଥିଭିତରେ ଡେଙ୍ଗୁ ମାଡି ଚାଲିଛି। କିଛି କୁଆଡେ ଭଲ ଦୃଶ୍ୟ ଦେଖିବାକୁ ମିଳୁନି। ମୌସୁମୀ ବି ଖେଳିଲାଣି ଲୁଚକାଳି ଖେଳ। ଠିକ ସମୟରେ ଆସିବ କହି ଠକିବା ଆରମ୍ଭ କରିଛି। ଯେଉଁଥିପାଇଁ ସମଗ୍ର ରାଜ୍ୟ ଯେପରି ଜଳୁଛି। ଗତ ସପ୍ତାହରେ ପଶ୍ଚିମ ଓଡିଶାର କିଛି ଜିଲ୍ଲାରେ ତାପମାତ୍ରା ରେକର୍ଡ ଛୁଇଁଛି। ସତେ ଯେମିତି ତତଲା ତାୱାରେ ସିଝୁଛି ପଶ୍ଚିମ ଓଡିଶା। ଟିଟିଲାଗଡ଼ ଦିନର ତାପମାତ୍ରା ୪୫ ଡିଗ୍ରୀ ଉପରେ। କେବଳ ଟିଟିଲାଗଡ଼ ନୁହେଁ, ପଶ୍ଚିମ ଓଡିଶାର ୯ ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ଥିଲା। ଗୋଟେପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବା ବିଳମ୍ବ ହେତୁ ତାତିରେ ଆଉଟୁପାଉଟୁ ଓଡ଼ିଶାବାସୀ। ଯଦିଓ ଉପକୂଳ ଓଡିଶାରେ ତାପମାତ୍ରା ସାମାନ୍ୟ କମ ତଥାପି ଗୁଳୁଗୁଳି ଅଧିକ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଏଭଳି ସମୟରେ ମୌସୁମୀ ଆସିବା ବିଳମ୍ବ ହେଲେ ବୟସ୍କ ଓ ଅସୁସ୍ଥ ବ୍ୟକ୍ତିଙ୍କ ଲାଗି ଏହା ଅସହ୍ୟ ହୋଇପଡିବ। ଜଳବାୟୁ ପରିବର୍ତ୍ତନର ଏଭଳି ନିଷ୍ଠୁର ଚିତ୍ର ସମସ୍ତଙ୍କୁ ଚିନ୍ତାରେ ପକାଇବା ସ୍ୱାଭାବିକ। ହେଲେ ଆମେ ପ୍ରକୃତିର ସୁରକ୍ଷା ପାଇଁ କେତେ ତତ୍ପର ତାହା ଚିନ୍ତା କରିବାର ସମୟ ଏବେ। ବିକାଶ ନାଁରେ ଜଙ୍ଗଲ ସଫା କରି ବୃକ୍ଷହୀନତାର ଫଳ ଭୋଗୁଚେ, ହେଲେ କେହି ଚିନ୍ତା କରିପାରୁନାହାନ୍ତି ଯେ ଆଗାମୀ ଦିନରେ ଅବସ୍ଥା କଣ ହେବ। ସବୁଠି ଜଳସ୍ତର କମି କମି ଚାଲିଛି। ନଦୀରେ ଜଳ ରୋକାଯିବାର ଯୋଜନା ସଠିକ କାର୍ଯ୍ୟକାରୀ ହେଉନାହିଁ। କୂଅ ପୋଖରୀ ଶୁଖିଲା ପଡୁଛି।ନଦୀ ବି ଶୁଖିଲା। ବର୍ଷାଦିନେ ନଦୀରୁ ସମୁଦ୍ରକୁ ବୋହିଯାଉଥିବା ଜଳ ସଂରକ୍ଷଣ ପାଇଁ ଅଧିକ ନଦୀବନ୍ଧ (ଡ୍ୟାମ) ଆବଶ୍ୟକ ରହିଥିଲା ବେଳେ ସରକାର ଏ ନେଇ କିଛି ନକରିବା ହିଁ ଜଳ ସ୍ତର କମିବାର ମୁଖ୍ୟ କାରଣ ଆବଶ୍ୟକ ଜଳଧାରଣ କ୍ଷମତା ଥିବା ପୋଖରୀ ଗୁଡିକ ପୁନରୁଦ୍ଧାର ସହ ଅଧିକାଂଶ ଅଂଚଳରେ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯିବାର ଆବଶ୍ୟକତା ମଧ୍ୟ ରହିଛି।ଯେହେତୁ ପ୍ରଦୂଷଣ ଜନିତ କାରଣରୁ ଜଳବାୟୁ ପରିବର୍ତ୍ତନ ଘଟି ସାରିଛି,ଏହାର ନିରାକରଣ କିଭଳି ହେବ ସେନେଇ ମଧ୍ୟ ଯୋଜନା ପ୍ରସ୍ତୁତି ଦରକାର ଥିଲାବେଳେ ସରକାର ଏ ଦିଗରେ କୌଣସି ଠୋସ ପଦକ୍ଷେପ ନନେବା ମଧ୍ୟ ଅନ୍ୟତମ ଚିନ୍ତାର କାରଣ। ସମୟପଯୋଗୀ ପଦକ୍ଷେପ ବିନା ପ୍ରଦୂଷଣ ରୋକି ହେବନାହିଁ।ବିଶେଷକରି ଜଳ ସଂରକ୍ଷଣ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରାନଗଲେ ଆଗାମୀ ଦିନରେ ଲୋକେ ଜଳ କଷ୍ଟ ଭୋଗିବାର ଆଶଙ୍କା ଦେଖାଦେଲାଣି। ଉପାନ୍ତ ଅଞ୍ଚଳରେ ଜଳ କଷ୍ଟ କଥା ପୂର୍ବରୁ ଦେଖାଯାଉଥିଲାବେଳେ ଏବେ ଉପକୂଳ ଅଞ୍ଚଳ ଗୁଡିକରେ ମଧ୍ୟ ଜଳାଭାବର ପରିସ୍ଥିତି ଦେଖିବାକୁ ମିଳୁଛି।ଅଧିକରୁ ଅଧିକ ଚାଷ ଜମି ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବାରୁ ବା ଶିଳ୍ପ ପ୍ରତିଷ୍ଠା କାରଣରୁ ସବୁଜିମା ମଧ୍ୟ ଲୋପ ପାଉଛି। ଖାଲୁଆ ଅଞ୍ଚଳରେ ଯେଉଁଠି ବର୍ଷ ତମାମ ଜଳ ସଂରକ୍ଷିତ ହୋଇଥାଏ ତାହାକୁ ପୋତି ଅନେକ ନିର୍ମାଣ କାର୍ଯ୍ୟ ଚାଲୁଛି। ଯାହାଫଳରେ ଜଳ ସଂରକ୍ଷଣର ପରିସୀମା କମିକମି ଆସୁଛି। ଚାରିଆଡେ ଏଭଳି ସ୍ଥିତି ଜାରି ରହିଲେ ଖୁବ ନିକଟ ଭବିଷ୍ୟତରେ ଆମେ ଜଳ କଷ୍ଟ ଭୋଗିବା ସୁନିଶ୍ଚିତ।

ସମ୍ପାଦକୀୟ



ତାରକ ମହାନ୍ତି

ଅନ୍ୟପକ୍ଷରେ ଜଙ୍ଗଲ କ୍ଷୟର ଭରଣା କରାନଯିବା ବା ନୂତନ ଜଙ୍ଗଲ ସୃଷ୍ଟି ନକରାଗଲେ ପରିବେଶ ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବନାହିଁ। ଚଳିତ ଗ୍ରୀଷ୍ମ ଋତୁରେ ଏଭଳି ପରିସ୍ଥିତି ସମଗ୍ର ରାଜ୍ୟରେ ଦେଖାଦେଇଛି। ଏପରିକି ଶୁଦ୍ଧ ପାନୀୟ ଜଳ ପାଇବା ମଧ୍ୟ ମୁସ୍କିଲ ହେଲାଣି। ଠିକ ସମୟରେ ବର୍ଷା ନହେବା ମଧ୍ୟ ଜଳ ସଙ୍କଟର ଅନ୍ୟତମ କାରଣ। ଯଦିଓ ପ୍ରକୃତି ଉପରେ କାହାରି ନିୟନ୍ତ୍ରଣ ନାହିଁ ତେଣୁ ବର୍ଷାଦିନେ ଯେତିକି ଜଳ ମିଳୁଛି ଏହାକୁ ସଞ୍ଚୟ କରି ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଚାଷ କାର୍ଯ୍ୟ ସହିତ ପିଇବା ପାଣି ପାଇଁ ଆମକୁ ଏବେଠାରୁ ଚିନ୍ତା କରିବାକୁ ହେବ। ଆଗରୁ ନଦୀ, ନାଳ, କୂଅ, ପୋଖରୀ ଜଳ ଭର୍ତ୍ତି ହୋଇ ରହୁଥିଲା। ଯାହାଫଳରେ ଜଳ ସଙ୍କଟ ଉତ୍କଟ ହେଉନଥିଲା କି ଏତେ ଖରା ଅନୁଭୂତ ହେଉନଥିଲା। ବିକାଶ ନାଁରେ ଆମେ ଅବିଚାରିତ ଭାବେ ନଦୀ ନାଳ ପୋତି ଚାଲିବା ଫଳରେ ଏହା ସଙ୍କୁଚିତ ହୋଇପଡୁଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଳ ସଙ୍କଟ ଦୂର ପାଇଁ ଏବେଠାରୁ ପଦକ୍ଷେପ ନନେଲେ ବିପଦ ଘନେଇଆସିବ। ସରକାରୀ ସ୍ତରରେ ଯେଭଳି ତତ୍ପରତା ଦରକାର ସେହିଭଳି ଜନସାଧାରଣ ମଧ୍ୟ ନିଜ ଅଞ୍ଚଳରେ ବର୍ଷାଦିନିଆ ଜଳକୁ ସଂରକ୍ଷଣ କରି ରଖିବା ପାଇଁ କାର୍ଯ୍ୟକ୍ରମ କରିବା ଦରକାର। ପ୍ରଦୂଷଣ ଜନିତ ସମସ୍ୟାର ସମାଧାନ, ଉତ୍ତପ୍ତ ବାୟୁ ମଣ୍ଡଳରୁ ନିସ୍ତାର ପାଇବା ପାଇଁ ଯୋଜନାବଦ୍ଧ ଭାବେ ସମଗ୍ର ବିଶ୍ୱ ଏକତା ଭିତ୍ତିରେ କାର୍ଯ୍ୟ କରିବା ଆବଶ୍ୟକ। ଆଗକୁ ଯେଉଁ ଦିନ ଦେଖିବାକୁ ମିଳିବାର ଆଶଙ୍କା ରହିଛି, ତାହାରି ଭିତରେ ପ୍ରଦୂଷଣ ସମସ୍ୟା, ତାପମାତ୍ରା ବୃଦ୍ଧି ଭଳି ସଙ୍ଗିନ ପ୍ରସଙ୍ଗ ରହିଛି। ଯାହାର ନିରାକରଣ ଅନିବାର୍ଯ୍ୟ ଥିବା ସତ୍ତ୍ୱେ ଏହାକୁ କେହି ଅଧିକ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଦିନକୁ ଦିନ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଉଛି। ଫଳରେ ଠିକ୍ ସମୟରେ କୃଷି କାର୍ଯ୍ୟ ସମ୍ପାଦନ ହୋଇନପାରିବା ଏବଂ ଅନିୟନ୍ତ୍ରିତ ବର୍ଷା କାରଣରୁ ଅନେକ ସମସ୍ୟା ଦେଖାଦେଇଛି। ଏହାରି ମଧ୍ୟରେ ପ୍ରଦୂଷଣଜନିତ କାରଣରୁ ରୋଗର ମାତ୍ରା ମଧ୍ୟ ବଢୁଛି। ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସମଗ୍ର ବିଶ୍ୱ କରୋନା କାରଣରୁ ସବୁ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡିଛି। ଏହାରି ମଧ୍ୟରେ ଭାରତରେ ପୁଣିଥରେ ସକ୍ରିୟ କୋଭିଡ୍ ମାମଲା ବୃଦ୍ଧି ପାଇବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଦେଶରେ ଦୈନିକ ସଂକ୍ରମଣ ପୁଣିଥରେ ୮ ହଜାର ଅତିକ୍ରମ କରିଛି। ଗତ ଶନିବାର ମହାରାଷ୍ଟ୍ରରେ ସର୍ବାଧିକ ୩,୦୮୧ ସଂକ୍ରମଣ ହୋଇଛି। ତା' ତଳକୁ କେରଳରେ ୨୪୧୫, ଦିଲ୍ଲୀରେ ୬୫୫, କର୍ଣ୍ଣାଟକରେ ୫୨୫ ଓ ହରିଆଣାରେ ୩୨୭ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି। ନୂଆ ମାମଲା ଗୁଡିକ ମଧ୍ୟରୁ ୪୪.୦୮% ଉପରୋକ୍ତ ୫ଟି ରାଜ୍ୟରୁ ଚିହ୍ନଟ ହୋଇଛନ୍ତି ଏବଂ କେବଳ ମହାରାଷ୍ଟ୍ରରେ ମୋଟ ସଂକ୍ରମଣର ୩୬.୯୯% ଅଛି। ଭାରତରେ ମୋଟ ସଂକ୍ରମଣ ସଂଖ୍ୟା ଶନିବାର ସୁଦ୍ଧା ୪,୩୨,୧୩,୪୩୫ରେ ପହଞ୍ଚିଥିବା ବେଳେ ସକ୍ରିୟ ସଂକ୍ରମଣ ସଂଖ୍ୟା ୪୦,୩୭୦ ଅଛି। ସକ୍ରିୟ ସଂକ୍ରମଣ ମାମଲା ବୃଦ୍ଧି ପାଇଥିବା ବେଳେ ମୋଟ କୋଭିଡ୍ ମୃତ୍ୟୁସଂଖ୍ୟା ୫,୨୪,୭୫୭ରେ ପହଞ୍ଚିଛି। ଭାରତର ଆରୋଗ୍ୟ ହାର ୯୮.୬୯% ରହିଛି। ତେବେ କୋଭିଡ୍‌ର ଚତୁର୍ଥ ଲହର ଯଦି ସମଗ୍ର ଦେଶକୁ ଗ୍ରାସ କରେ ଏହାର ଭୟାବହତା ପୁଣିଥରେ ସମସ୍ତଙ୍କୁ ଭୋଗିବାକୁ ପଡିବ। ତେଣୁ ନିଜେ ନିଜର ଯତ୍ନ ନେବା ସହିତ କୋଭିଡ୍ ଗାଇଡଲାଇନ ପାଳନ କରିବା ଅନିର୍ବାଯ୍ୟ ହୋଇପଡିଛି। ସ୍ୱଚ୍ଛତା ହିଁ କୋଭିଡ୍‌ରୁ ବଞ୍ଚିବାର ମୂଳ ଆଧାର ହୋଇଥିଲା ବେଳେ ଏହାକୁ ପାଳନ କରିବା ଦେଶବାସୀଙ୍କ କର୍ତ୍ତବ୍ୟ। ପରିସ୍ଥିତି ଅନୁସାରେ ସମସ୍ତେ ପ୍ରଦୂଷଣମୁକ୍ତ ରହିବାକୁ ଚେଷ୍ଟା ଜାରି ରଖିଲେ ଏଥିରୁ ନିଶ୍ଚୟ ନିସ୍ତାର ମିଳିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅମୃତ ମହୋତ୍ସବ, ଭାରତୀୟ ସମ୍ବିଧାନର ଧାରା ୩୪୮ ଓ ଆମେ



ଗଜାନନ ମିଶ୍ର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ- 'ଯା ଭାଷା ଦୁର୍ବଳା କାହିଁ ତାର ଜ୍ଞାନ? କାହିଁ ତାର ରାଜ ଦୁଆରେ ସମ୍ମାନ? ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।'

ଆମ ଭାରତର ସମ୍ବିଧାନ ଆମ ଭାରତୀୟ ଭାଷାକୁ ଉପଯୁକ୍ତ ସ୍ଥାନ ଦେଇଛି ସପ୍ତଦଶ ଭାଗରେ। ଧାରା ୩୪୩ରେ ସ୍ପଷ୍ଟ କରିଛି ଯେ ଦେବ ନାଗରୀ ଲିପିରେ ହିନ୍ଦି ଭାଷା ହେଉଛି କେନ୍ଦ୍ରର ସରକାରୀ ଭାଷା। ପୁଣି ଏଇ ଧାରା କହିଲା' ପନ୍ଦର ବର୍ଷ ଅବଧି ଯାଏ ଇଂରେଜି ଭାଷାର ବ୍ୟବହାର ହେବ ଅର୍ଥାତ୍ ୧୯୫୦ରୁ ୧୯୬୫ ପର୍ଯ୍ୟନ୍ତ। ତେଣୁ ଧାରା ୩୪୪ ଓ ୩୫୧ ଅନୁସାରେ ଅଷ୍ଟମ ତଫସିଲରେ କୌଣସି ବିଦେଶୀ ଭାଷାର ସ୍ଥାନ ନାହିଁ। ଯେହେତୁ ଆମେ ଭାରତୀୟଗଣ ସ୍ୱାଧୀନ, ସାର୍ବଭୌମ। ସଂପ୍ରତି ସମଗ୍ର ବିଶ୍ୱ ଚାହିଁ ରହିଛି ଆମ ଆଡକୁ ଉଚିତ୍ ଦିଗଦର୍ଶନ ଆଶାରେ। ଆମେ ସ୍ୱାଧୀନତାର ପଂଚସ୍ତରୀ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ କରୁଛୁଁ ଆଉ ଏଇ ପରିପ୍ରକ୍ଷୀରେ ଭାରତୀୟ ସମ୍ବିଧାନ, ୧୯୫୦ର ଧାରା ୩୪୮ ଯାହା ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଇତ୍ୟାଦିର ଭାଷାକୁ ନେଇ ସମ୍ୟକ ଧାରଣା ଦିଏ ତାହା ଯେ ଜନଗଣମନର, ମାନ ସମ୍ମାନର ବିଷୟକୁ ଇଙ୍ଗିତ କରୁଛି, ଦେଖି ପରଖି ପଦକ୍ଷେପ ନେବାକୁ ପଡିବ। ସଂପୂର୍ଣ୍ଣ ଭାବରେ ଏହି ଧାରାକୁ ଉଚ୍ଛେଦ ନ କଲେ ଉତ୍ତରପିଢି ପାଖରୁ ଆମେ କ୍ଷମା ପାଇ ପାରିବା ନାହିଁ।

ଧାରା ୩୪୮ - ଏହି ଭାଗର ପୂର୍ବବର୍ତ୍ତୀ ବ୍ୟବସ୍ଥାବଳୀରେ ଯାହା କିଛି ଥିବା ସତ୍ତ୍ୱେ, ସଂସଦର ଆଇନ ଦ୍ୱାରା ଅନ୍ୟ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଉଚ୍ଚତମ ନ୍ୟାୟାଳୟରେ ଓ ପ୍ରତ୍ୟେକ ନ୍ୟାୟାଳୟରେ, ବିଚାରଯୋଗ୍ୟ ପାଠ୍ୟ ସକଳ, ସଂସଦ ବା ବିଧାନସଭାର ସବୁ ଗୃହରେ ଆନୟନ ସବୁ ବିଧେୟକ, ସବୁ ସଂଶୋଧନ ସଂସଦ ବା ବିଧାନ ମଣ୍ଡଳର ଅଧିନିୟମ ବା ଅଧ୍ୟାଦେଶ, ଉପବିଧି ଆଦି ଇଂରେଜି ଭାଷାରେ ହେବ। ପୁଣି ରହିଛି ରାଜ୍ୟପାଳ, ରାଷ୍ଟ୍ରପତି ହିନ୍ଦି ଭାଷା ବା ସେହି ରାଜ୍ୟର ଭାଷାକୁ ପ୍ରାଧିକୃତ କରିବେ। କିନ୍ତୁ ରାୟ, ଡିକ୍ରି କିମ୍ବା ଆଦେଶ ପ୍ରତି ଲାଗୁ ହେବ ନାହିଁ। ଯଦି ଅନ୍ୟ କୌଣସି ଭାଷାରେ ହେବ ତେବେ ଇଂରେଜି ଭାଷାରେ ଅନୁବାଦ ରହିବ।

ବର୍ତ୍ତମାନ ଚାଲିଥିବା ଅମୃତ ମହୋତ୍ସବ ଅବସରରେ କହିବାରେ କୁଣ୍ଠା ନାହିଁ ଯେ ଏପରି କହିବା ବା ଥିବା ସମଗ୍ର ଭାରତୀୟତା ପାଇଁ ଲଜ୍ଜାଜନକ ଅଟେ। ସୁତରାଂ ତୁରନ୍ତ ଏହି ଧାରାର ଉଚ୍ଛେଦ ଆବଶ୍ୟକ ଅଟେ। ଏ ବିଷୟରେ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ତଥା ଖୋଦ୍ ପ୍ରଧାନ ବିଚାରପତି ସ୍ପଷ୍ଟ ଭାଷାରେ ନିଜଆଡୁ କହିସାରିଲେଣି ଯେ ବିଚାରବିଭାଗର ଭାରତୀୟ କରଣ ନିହାତି ଆବଶ୍ୟକ। ଭାରତୀୟ ମହକିଲଟିଏର ଅଧିକାର ରହିଛି ଅଦାଲତରେ ନିଜ ମାମଲା କଣ ହେଉଛି ନ ହେଉଛି ଜାଣିବାର। ବିଦେଶୀ ଭାଷାରେ ସବୁ କାର୍ଯ୍ୟ ଚାଲିବା ଦ୍ୱାରା ସେ ଅନ୍ଧକାର ଭିତରେ ରହି ଯାଉଛି, ଯଦିଓ ଯେତେ ଖର୍ଚ୍ଚ ହେଉଛି ସବୁ ସେ ମହକିଲ ହିଁ ଦେଉଛି। କଡା ଶବ୍ଦରେ କହିବାକୁ ଗଲେ ବିଚାରବିଭାଗ ବା ଅଦାଲତ ଚଳେଇବାକୁ ଇଂରେଜ ସରକାର ଟଙ୍କା ଦେଉ ନାହିଁ। ଅଧିକନ୍ତୁ, ଧାରା ୩୪୫ରେ ରାଜ୍ୟର ପ୍ରଚଳିତ ଭାଷାଗୁଡିକୁ ସରକାରୀ ଭାଷାର ମାନ୍ୟତା ଦେବାକୁ ବିଧାନସଭାମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ଧାରା ୩୫୦ରେ ଅଛି ଯେ କୌଣସି ବ୍ୟକ୍ତି କୌଣସି ଅଭିଯୋଗର ପ୍ରତିକାର ନିମନ୍ତେ କେନ୍ଦ୍ର କିମ୍ବା ଯଥାସ୍ଥିତି ରାଜ୍ୟର ବ୍ୟବହୃତ ଯେ କୌଣସି ଭାଷାରେ ଏକ ପ୍ରତିବେଦନ କେନ୍ଦ୍ର କିମ୍ବା ରାଜ୍ୟର କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କ ନୀକଟରେ ଦାଖଲ କରିପାରିବେ। ଧାରା ୩୫୦କରେ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସୁବିଧା ଦିଆଯାଇଛି। ଧାରା ୩୫୦ଖରେ ଭାଷାଗତ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀ ରହିଛନ୍ତି।

ଆମ ଓଡିଶା ଭାଷା ମୂଳ ଆଇନରେ ସ୍ପଷ୍ଟ ରହିଛି - ସବୁ ବା ପ୍ରତ୍ୟେକ କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ। ଆମ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଣୀତ ସାଧାରଣ ନିୟମାବଳୀରେ ଓଡିଆକୁ ଅଧସ୍ତନ ଅଦାଲତର ମାନ୍ୟତା ମିଳିଛି ଯଦିଓ ସୀମିତ। ଓଡିଶାର ଅଦାଲତରେ କାର୍ଯ୍ୟରତ ହମକ୍ଷତ ବିଚାରପତି ଓ କର୍ମଚାରୀବୃନ୍ଦ ସମସ୍ତେ ଓଡିଶାର ଲୋକ। ଓଡିଶାବାସୀଙ୍କ ଟିକସଟଙ୍କାରେ ବିଚାରବିଭାଗର ସମସ୍ତ ଖର୍ଚ୍ଚ ହେଉଛି। ତେଣୁ ଓଡିଶାର ମହକିଲଟିଏକୁ ବିଦେଶୀ ଭାଷାରେ ରାୟ, ଡିକ୍ରି, ଆଦେଶାଦି ଦେବା ଚରମ ଅନ୍ୟାୟ। ନ୍ୟାୟାଳୟରେ ସତ୍ୟର ଜୟଗାନ ହୁଏ। ଯହିଁ ନ୍ୟାୟ ଥାଏ, ତହିଁ ସତ୍ୟ ଥାଏ। ଯହିଁ ସତ୍ୟ ଥାଏ, ତହିଁ ଜୟଜୟକାର ଶୁଭୁଥାଏ। ସତ୍ୟ ଓ ନ୍ୟାୟର ମୂଳ ରହିଛି ଭାରତଭୂମିରେ। ବିନା ଚେରରେ ଇଂରେଜି ଭାଷା ଯୋଉ ବ୍ୟାପୀ ଚାଲିଛି ତାହା ଭାରତୀୟ ସଂସ୍କୃତି ପରଂପରାକୁ ନଷ୍ଟ କରିଚିଲିଛି। ଏଇକଥାକୁ ଗୁରୁତ୍ୱ ସହିତ ବିଚାର କରିବାର ସମୟ ଆସିଛି।

ଏମିତି ତ ଜାତିର ପିତା ମହାତ୍ମାଗାନ୍ଧୀ ଭାରତ ସ୍ୱାଧୀନ ହେବା ପରେ ପରେ ହିଁ କହିଥିଲେ ଏଥର କୌଣସି ବିଦେଶୀ ଭାଷାରେ ନୁହଁ, ହିନ୍ଦୁସ୍ଥାନର ଭାଷାରେ କଥାବାର୍ତ୍ତା କର। ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଏ ଯାଏ ଆମେ ଆମ ଭାଷାରେ ଆଇନ ପାଠ ପଢିବାର ସୁଯୋଗ ପାଇନୁ। ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଭାରତୀୟ ଭାଷାରେ ସମ୍ବିଧାନକୁ ସାଧାରଣ ନାଗରିକଙ୍କ ପାଖରେ ପହଂଚାଇବାର ଉଦ୍ୟମ ଜାରି ରଖିଛନ୍ତି। ଲକ୍ଷ୍ୟ ହେଉଛି ଲୋକଙ୍କ ସରକାର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଏଇକଥା ସମସ୍ତେ ଅନୁଭବ କରିବା ହୁଅନ୍ତୁ। ସମସ୍ତେ ଜାଣନ୍ତୁ ଭାରତୀୟ ସମ୍ବିଧାନରେ କଣ ଅଛି, କଣ ରହିବା ଆବଶ୍ୟକ। ବିଚାରବିଭାଗ ତ ଏକ ମୁଖ୍ୟ ଅଙ୍ଗ। ଏହି କଥାକୁ ବୁଝି ଲୋକଙ୍କ ଭାଷାରେ ନ୍ୟାୟ ପ୍ରଦାନ ଆରମ୍ଭ କରିଦେବା ଉଚିତ୍। ଏଇଥିପାଇଁ ସମ୍ବିଧାନର ଧାରା ୩୪୮କୁ ଅତିଶୀଘ୍ର ହଟେଇ ଦେବା ଉଚିତ୍। ଏହି ଧାରା ପାଇଁ ଆମ ମୁଣ୍ଡ ଉଚ୍ଚ ହୋଇ ରହି ପାରୁ ନାହିଁ। ପାଖପଡୋଶୀ ସଭିଏଁ କହି ବସିଲେଣି କେତେ କଣ! କଣ ପାଇଁ ବିଦେଶୀ ଭାଷା? ଆମର କଣ ପାଇଁ ବିଦେଶୀ ଭାଷା। କଣ ପାଇଁ? ଆମର କଣ ଭାଷା ନାହିଁ। ଅନେକ ଅନେକ ବିଭାଗ ଭିତରୁ ବିଚାର ବିଭାଗ ଗୋଟିଏ। ଏ ବିଭାଗରେ କଣ ଆମ ଭାଷାରେ ଆମ ଲୋକ ପାଇଁ କାର୍ଯ୍ୟ କରି ହେବ ନି? କଣ ପାଇଁ ବିଚାରବିଭାଗ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଜିତି ପାରୁ ନାହିଁ? ଭାଷା ହିଁ ଏକମାତ୍ର ପ୍ରତିବନ୍ଧକ। ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟରେ ଭାରତୀୟ ଭାଷା ପ୍ରୟୋଗ ନ ହେବା କାରଣରୁ ଅଧସ୍ତନ ଅଦାଲତ ମାନଙ୍କରେ ଲୋକଙ୍କ ଭାଷା ବ୍ୟବହାର ହୋଇ ପାରୁ ନାହିଁ। ଭାରତୀୟ ଭାଷାରେ ଆଇନ ପାଠ ବି ସେତେ ପଢା ଯାଉ ନାହିଁ। ମୂଳ କାରଣ ହେଉଛି ଧାରା ୩୪୮। ଯେତେ ଲୋକ ଅଦାଲତ ହେଲେ ବି ଲୋକେ ଦୂରରେ କଣ ପାଇଁ? ଧାରା ୩୭୦ ପରି ଏହି ୩୪୮ ଧାରା ମଧ୍ୟ ଅସ୍ଥାୟୀ ଅଟେ।

ଯେଉଁ ଧାରା ଭାରତୀୟ ଲୋକଙ୍କ ସପକ୍ଷରେ ନାହିଁ ସେହି ଧାରା ସମ୍ବିଧାନରେ ରହିବା ଆଉ ଆବଶ୍ୟକ ନାହିଁ। ଭାରତର ଜନଗଣହିଁ ଭାରତର ସମ୍ବିଧାନକୁ ଅଙ୍ଗୀକାର କରିଛନ୍ତି, ପ୍ରଣୟନ ଏବଂ ଗ୍ରହଣ କରିଛନ୍ତି ଏବଂ ଭାରତକୁ ସାର୍ବଭୌମ ଜନରାଜ୍ୟ ଭାବରେ ଗଢିବାକୁ ସଂକଳ୍ପବଦ୍ଧ, ଆମେ ଭାରତର ଲୋକମାନେ। ଆମ ଦେଶ ଭାରତ ବର୍ଷ, ଆଉର ଏକ ସୁମହାନ ପରଂପରା, ଗୌରବୋଜ୍ଜ୍ୱଳ ଐତିହ୍ୟ ରହିଛି। ସୁତରାଂ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ସମ୍ବିଧାନ ଧାରା ୩୪୮କୁ ତୁରନ୍ତ ହଟାଇଦେଇ ବିଚାରବିଭାଗ କୁ ଭାରତୀୟ କରଣ କରି , ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟକୁ ଭାରତର ଭାଷାରେ ଚାଲିବା/ଚଲାଇବା ପାଇଁ ମାର୍ଗ ପ୍ରଶସ୍ତ କରାଯାଉ। ଏଥିପାଇଁ ଏକ ନୂତନ ମାନସିକତା ସୃଷ୍ଟିର ଆବଶ୍ୟକତା ରହିଛି, ଆଉ ଏଇ ମାନସିକତାର ସୃଷ୍ଟି ପାଇଁ ମୋଦିସରକାରର ଆବିର୍ଭାବ ହୋଇଛି ଭାରତ ମହାକାଶରେ। ଏହା ସମଗ୍ର ବିଶ୍ୱକୁ ନୂତନ ଆଲୁଅ ଦେବ ନିଜ ମାଟି ପାଣିର ବାସ୍ନାରେ, ଏହା ନିଶ୍ଚିତ। ଭାରତୀୟ ଜନମନଗଣର ଜୟଜୟକାର ଏଇଥିରେ ହିଁ ରହିଛି। ଜୟହିନ୍ଦ୍।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*

## ପଞ୍ଚମ ପାଳିର ତୃତୀୟ ବର୍ଷରେ ନବୀନ ସରକାର

# ବୈପ୍ଳବିକ ରୂପାନ୍ତରଣ



ବାଦଲ ଭୂୟାଁ

ଗତ ମେ ୨୯, ୨୦୧୯ରେ ନବୀନ ପଟ୍ଟନାୟକଙ୍କ ସରକାର ପଞ୍ଚମ ଥର ପାଇଁ ରାଜ୍ୟ ଶାସନଭାର ଗ୍ରହଣ କଲେ। ଓଡ଼ିଶା ଇତିହାସରେ ଦୀର୍ଘ ବର୍ଷ ଶାସନ କ୍ଷମତାରେ ବିଜେଡ଼ି ରହିଛି। ସିଏ ସରକାର ଲୋକଙ୍କର। ଲୋକଙ୍କୁ ଏହି ଅନୁଭୂତି ଦେବା ପାଇଁ ୨୦୧୯ ଅକ୍ଟୋବର ୨ (ଗାନ୍ଧି ଜୟନ୍ତୀ)ରୁ ନବୀନ ଆରମ୍ଭ କରିଛନ୍ତି ମୋ' ସରକାର। ୫-ଟି ଫର୍ମୁଲା ଏହି ବ୍ୟବସ୍ଥାରେ ଯୋଡ଼ି ହୋଇଛନ୍ତି ଏବେ ସୁଦ୍ଧା ରାଜ୍ୟ ସରକାର ୩୧ଟି ବିଭାଗ। ଏହାର ଉଦ୍ଦେଶ୍ୟ ଲୋକଙ୍କୁ ମିଳିବ ଉତ୍ତମ ପ୍ରଶାସନ। ଥାନା ହେଉ କି ଡାକ୍ତରଖାନା, ସବୁଠି ସାଧାରଣ ଲୋକଙ୍କୁ ଦିଆଯିବ ଉଚିତ ସମ୍ମାନ। କୌଣସି କାମ କିମ୍ବା ସେବା ପାଇଁ ବାରମ୍ବାର ସରକାରୀ ଦପ୍ତର ଚକ୍କର କାଟିବାକୁ ପଡ଼ିବନି। ନିର୍ଦ୍ଧାରିତ ସମୟ ଭିତରେ ଲୋକଙ୍କୁ ମିଳିବ ସେବା। ଏ ୩ ବର୍ଷର ଯାତ୍ରାରେ ନବୀନ ସରକାର ସାମ୍ନା କରିଥିଲା କୋଭିଡ଼ ଭଳି ମହାସଙ୍କଟ। ହେଲେ ଯେତେ ବଡ଼ ଚାଲେଞ୍ଜ ଆସିଲେ ବି ନଇଁ ନଥିଲା ଓଡ଼ିଶା। ମାତ୍ର ସବୁ ସଙ୍କଟର ସଫଳ ମୁକାବିଲା ସହ ବିକାଶର ନୂଆ ଅଧ୍ୟାୟ ଲେଖି ଓଡ଼ିଶା ପାଲଟିଛି ବିଶ୍ୱର ରୋଲ ମଡେଲ। ଆଉ ସବୁ ସଫଳତା ପଛରେ ରହିଛି ଟ୍ରାନ୍ସଫରମେସନ। ଏହି ୫-ଟି ମନ୍ତ୍ରରେ ଆଗକୁ ଆଗକୁ ବଢ଼ି ଚାଲିଛି ଓଡ଼ିଶା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ, ସଡ଼କ ଯୋଗାଯୋଗ, ବିପର୍ଯ୍ୟୟ ମୁକାବିଲା ସବୁଥିରେ ଆସିଛି ଯୁଗାନ୍ତକାରୀ ପରିବର୍ତ୍ତନ। ସ୍ମାର୍ଟ ରୂପାନ୍ତରଣ ପାଲଟିଛି ଓଡ଼ିଶାର ନୂଆ ପରିଚୟ। ୨୨ ବର୍ଷର ଲଗାତର ଶାସନ ଭିତରେ ଗତ ୩ ବର୍ଷର ପ୍ରଶାସନିକ ବ୍ୟବସ୍ଥାରେ ଆସିଛି ବୈପ୍ଳବିକ ରୂପାନ୍ତରଣ। ଆହୁରି ତ୍ୱରିତ ହୋଇଛି ସରକାରୀ କଳ। ସବୁକ୍ଷେତ୍ରରେ ବିକାଶର ଗତି ଶୀର୍ଷମୁହାଁ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆଗେଇଛି।

ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଅତୁଟ ରହିଛି ନବୀନଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି। ଆଜି ଯାଏ ଦୁର୍ନୀତିର ଛିଟା ପଡ଼ିନି ତାଙ୍କ ଆଡ଼କୁ। ଦୁର୍ନୀତି ବିରୋଧରେ ସବୁବେଳେ ସେ ନେଇଛନ୍ତି କଠୋର କାର୍ଯ୍ୟାନୁଷ୍ଠାନ। ୨୦୧୯ରେ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପରେ ୫-ଟି ନୀତି ଅନୁଯାୟୀ ଦୁର୍ନୀତି ବିରୋଧରେ ଆରମ୍ଭ ହେଲା ଜିରୋ ଟଲେରାନ୍ସ ଅପରେସନ। ଚଳିତ ଥର ନବୀନ ସରକାର ଶିକ୍ଷା କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଆଣିଛନ୍ତି। ୫ଟି ଯୋଜନା ଅଧୀନରେ ସ୍କୁଲକୁ ନୂଆ ରୂପ ଦିଆଯାଇଛି। ଉଦ୍ଦେଶ୍ୟ ଇଂରାଜୀ ମିଡ଼ିୟମ ଘରୋଇ ସ୍କୁଲ ଠାରୁ କୌଣସି ଗୁଣରେ ପଛରେ ରହିବନାହିଁ ସରକାରୀ ସ୍କୁଲ। ୨୦୨୧ ନଭେମ୍ବରରେ ପ୍ରଥମ ପର୍ଯ୍ୟାୟରେ ୧୦୭୫ ସ୍ମାଟ କ୍ଲାସ ରୁମ ଲୋକାର୍ପିତ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୪୬୧ଟି ସ୍ମାର୍ଟ କ୍ଲାସରୁମ ଲୋକାର୍ପିତ ହେବାର ଯୋଜନା ରହିଛି। ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ୨୦୨୧ ମାର୍ଚ୍ଚ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋ ସ୍କୁଲ ଭଳି ମୋ କଲେଜ ଯୋଜନା ଶୁଭାରମ୍ଭ କରିଥିଲେ। ମହିଳା ସଶକ୍ତିକରଣରେ ଓଡ଼ିଶା ପାଲଟିଛି ମଡ଼େଲ। ଏଯାବତ୍ ୭୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତିରେ ଯୋଡ଼ି ସେମାନଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବିକାଶ କରାଯାଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଆଗାମୀ ୫ ବର୍ଷରେ ମିଶନ ଶକ୍ତି ମାଧ୍ୟମରେ ୪୯୭୩ କୋଟି ଟଙ୍କା ବିନିଯୋଗ କରାଯିବ। ମହିଳାଙ୍କୁ ମିଳିବ ରୋଜଗାର। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫୦ ହଜାର କୋଟିର ରଣ ଯୋଗାଇ ଦିଆଯିବ। ୧୨୦୦ କୋଟିର ସୁଧ ରିହାତି ବ୍ୟବସ୍ଥା ବି ହୋଇଛି। ଏସଏଚଜି ଗ୍ରୁପ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ୫୦୦ ମିଶନ ଶକ୍ତି ବଜାର ଛିଡ଼ା କରାଯିବ। ୪୦ ଲକ୍ଷ ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ୫-ଟି ଯୋଜନାର ମୁଖ୍ୟ ଫୋକସରେ ରହିଛି ରାଜ୍ୟରେ ମହିଳା ସଶକ୍ତିକରଣ।

୨୦୧୯ରୁ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ନିଆଯାଇଛି ମେଗା ପଦକ୍ଷେପ। ହକିର କେନ୍ଦ୍ରସ୍ଥଳ ପାଲଟିଯାଇଛି ଆମ ରାଜ୍ୟ। ଗତ ୩ ବର୍ଷ ଭିତରେ ରାଜ୍ୟରେ ଜୁନିୟର ହକି ବିଶ୍ୱକପ ସହ ଏଫଆଇଏଚ ଅଲମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ, ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ଜାତୀୟ ଭାରୋତ୍ତୋଳନ, ସନ୍ତୋଷ ଟ୍ରଫି, ଜାତୀୟ ପାରାବ୍ୟାଡ଼ମିଣ୍ଟନ, ଜାତୀୟ ପାରା ଆଥଲେଟିକ୍ସ, ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସ ଭଳି ମେଗା କ୍ରୀଡ଼ା ଆୟୋଜନ କରାଯାଇଛି। ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ହେବ ପୁରୁଷ ହକି ବିଶ୍ୱକପ। ଏଥିପାଇଁ ରାଉରକେଲାରେ ୨୦୦ କୋଟି ଖର୍ଚ୍ଚରେ ଅତ୍ୟାଧୁନିକ ହକି ଷ୍ଟାଡିୟମ ନିର୍ମାଣ ଚାଲିଛି। ୨୦୨୦ରୁ ରଗବି ଇଣ୍ଡିଆ ଓ ସୁଇମିଂ ଫେଡେରେସନକୁ ସହଯୋଗର ହାତ ବଢ଼ାଇଛନ୍ତି ଆମ ରାଜ୍ୟ ସରକାର। ଆମ ଐତିହ୍ୟ, କୀର୍ତ୍ତିରାଜି ହିଁ ଆମ ପରିଚୟ। ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପଞ୍ଚମ ପାଳି ସରକାରରେ ନବୀନ ନେଇଛନ୍ତି ସଂକଳ୍ପ। ୫-ଟି ଯୋଜନାରେ ଐତିହ୍ୟ, କୀର୍ତ୍ତିରାଜିର ପୁନରୁଦ୍ଧାର ଓ ନବକଳେବର ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ପ୍ରାରମ୍ଭିକ କାର୍ଯ୍ୟରେ ଝଲସିଲାଣି ଶ୍ରୀକ୍ଷେତ୍ର, ଏକାମ୍ରକ୍ଷେତ୍ର। ଦେଶ ବିଦେଶାରୁ ଆସୁଥିବା ଭକ୍ତଙ୍କ ସୁବିଧା ଆଧ୍ୟାତ୍ମିକ ପରିବେଶକୁ ଆହୁରି ଜାଗ୍ରତ କରିବା ପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହାତକୁ ନିଆଯାଇଛି। ଲକ୍ଷାଧିକ ଭକ୍ତ ମହାଶିବରାତ୍ରିରେ ଦୀପଜାଳି ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଦର୍ଶନ କରିବାର ସୁବିଧା ପାଇଛନ୍ତି। ଆଗକୁ ଆହୁରି ଅନେକ କିଛି ହେବାକୁ ବାକି ଅଛି। ତାରାତାରିଣୀ ମନ୍ଦିରର ନୂଆ ରୂପ ସାରା ଓଡ଼ିଶାବାସୀଙ୍କ ମନ ଛୁଇଁଛି। ଆଗକୁ କଟକଚଣ୍ଡୀ ମନ୍ଦିର ପାଇଁ ୭୦ କୋଟି ଟଙ୍କାର ଯୋଜନା ହୋଇଛି। ସମଲେଶ୍ୱରୀ, ନୀଳମାଧବ, ବଳଦେବଜୀଉ, ନୃସିଂହନାଥ, ହରିଶଙ୍କର, ମା' ଶାରଳାଙ୍କ ପୀଠରେ ଉନ୍ନତିକରଣ ପାଇଁ ଶହ ଶହ କୋଟି ଟଙ୍କା ବରାଦ ହୋଇଛି।

ନବୀନଙ୍କ ମନ୍ତ୍ର ପ୍ରତିଟି ଜୀବନ ମୂଲ୍ୟବାନ। ଏଥିପାଇଁ ସ୍ୱାସ୍ଥ୍ୟକ୍ଷେତ୍ରରେ ସଫଳତାର ମାଇଲଖୁଣ୍ଟ ଛିଡ଼ା କରିଛି ଓଡ଼ିଶା। କୋଭିଡ଼ ମୁକାବିଲାରେ ସାରା ବିଶ୍ୱରେ ଓଡ଼ିଶା ମଡେଲ ହୋଇଛି। ୫-ଟି ଯୋଜନାରେ କଟକ ଏସସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବାକୁ ନିଆଯାଇଛି ମେଗା ପଦକ୍ଷେପ। କଟକରେ ଆରମ୍ଭ ହୋଇଛି ଏହାର ପ୍ରକ୍ରିୟା। ସବୁଠୁ ବଡ଼ ପଦକ୍ଷେପ ଭାବେ ୫ଟି ପଦ୍ଧତିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ସ୍ମାର୍ଟ ରୂପ ଦିଆଯାଇଛି। ୯୬ ଲକ୍ଷ ପରିବାରର ସାଢ଼େ ୩ କୋଟି ଲୋକଙ୍କୁ ମାଗଣାରେ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇବା ପାଇଁ ବିଏସକେୱାଇ ସ୍ମାର୍ଟ କାର୍ଡ଼ ପାଲଟିଛି ଗ୍ୟାରେଣ୍ଟି କାର୍ଡ଼। ଟାଟା ମେମୋରିଆଲ ଭଳି ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଉଥିବା ଦେଶର ୨୧୦ଟି ଘରୋଇ କର୍ପୋରେଟ ହସ୍ପିଟାଲରୁ ହିତାଧିକାରୀ ମାଗଣା ଚିକିତ୍ସା ପାଉଛନ୍ତି। ଅପହଞ୍ଚ ଇଲାକାରେ ଜରୁରୀ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ହେଲିକପ୍ଟରରେ ରୋଗୀ ପାଖରେ ପହଞ୍ଚୁଛନ୍ତି ଡାକ୍ତରୀଦଳ। ପଞ୍ଚମ ପାଳି ସରକାରରେ ସବୁଠୁ ବଡ଼ ଚାଲେଞ୍ଜ ସାମ୍ନା କରିଥିଲେ ନବୀନ। ୨୦୧୯ରେ ଶପଥ ନେବା ପରେ ପୂର୍ବ ଠାରୁ ଆହୁରି ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଥିଲା ଓଡ଼ିଶା। ମାତ୍ର ୯ମାସ ନ ପୂରୁଣୁ ଆସିଗଲା କରୋନା ମହାମାରୀ। ଏମିତି ସଙ୍କଟ ଗୋଟିଏ ଶତାବ୍ଦୀରେ କେବେ ସାମ୍ନା କରିବାକୁ ପଡ଼ିନଥିଲା। ତଥାପି ନବୀନଙ୍କ ନେତୃତ୍ୱରେ ଲଢ଼ିଲା ଓଡ଼ିଶା, ଜିତିଲା ବି। କରୋନା ମୁକାବିଲାରେ ନବୀନଙ୍କ ମଡ଼େଲକୁ ସାରା ବିଶ୍ୱ ପ୍ରଶଂସା କଲା। ମୃତ୍ୟୁ ହାର, ସଂକ୍ରମଣ ହାର ରୋକିବାରେ ଓଡ଼ିଶା ମଡ଼େଲ ପାଲଟିଲା ବିଶ୍ୱସ୍ତରୀୟ। ପ୍ରାକୃତିକ ଦୁର୍ବିପାକ ମୁକାବିଲାରେ ନବୀନ ସାରା ବିଶ୍ୱ ପାଇଁ ହିରୋ। ୧୯୯୯ ମହାବାତ୍ୟା ପରେ ଓଡ଼ିଶାକୁ ଯେତେ ବି ବାତ୍ୟା, ବନ୍ୟା ଆସିଛି ଦୃଢ଼ତାର ସହ ତାର ମୁକାବିଲା କରାଯାଇଛି। ୨୦୧୯ରେ ପଞ୍ଚମ ପାଳି ସରକାର ଗଠନର ସାମାନ୍ୟ ପୂର୍ବରୁ ଓଡ଼ିଶାକୁ ଦୋହଲାଇ ଦେଇଥିଲା ପ୍ରଳୟଙ୍କରୀ ବାତ୍ୟା ଫୋନି। ମାତ୍ର ନବୀନଙ୍କ ନେତୃତ୍ୱରେ ଜିରୋ କାଜୁଆଲିଟି ମିଶନ ନେଇ ମୁକାବିଲା କରିଥିଲା ଓଡ଼ିଶା। କରୋନା ସଙ୍କଟ ଭିତରେ ୨୦୨୦ରୁ ୨୦୨୨ ଭିତରେ ଅମ୍ଫାନ, ୟାସ, ଜୱାଦ ଭଳି ବାତ୍ୟାର ସଫଳ ମୁକାବିଲା କରି ଓଡ଼ିଶା ସବୁଠି ପ୍ରଶଂସନୀୟ ହୋଇଛି। ଶାସକ ଦଳ ସମସ୍ତ ଉପନିର୍ବାଚନ ଓ ସଦ୍ୟ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଏକ ତରଫା ବିଜୟୀ ହୋଇଛନ୍ତି। ଓଡ଼ିଶାରେ ବିଜେଡ଼ି ଓଡ଼ିଶାବାସୀଙ୍କ ବିଶ୍ୱସ୍ତ, ପ୍ରିୟଭାଜନ ଦଳ ଭାବେ ନିଜ ସାମର୍ଥ୍ୟ ପ୍ରତିପାଦିତ କରିପାରିଛି। କୋଟି କୋଟି ବିଜେଡ଼ି କର୍ମୀ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିଛନ୍ତି। ଓଡ଼ିଶାରେ ନବୀନ ବାବୁଙ୍କ ନିର୍ମଳ, ସଚ୍ଚୋଟ ଓ ସୁଶାନର ଶ୍ରେୟ ତାଙ୍କ ୫-ଟି ସଚିବ କାର୍ତ୍ତିକେୟ ପାଣ୍ଡିଆନଙ୍କୁ ଯିବ ଓ ଏ କ୍ଷେତ୍ରରେ ପର୍ଦ୍ଦା ପଛରେ ରହି ଦଳ ଓ ସରକାରକୁ ସଶକ୍ତକରି ସୁଶାସନର ନିର୍ମଳତାକୁ ବଜାୟ ରଖିବାରେ କଠୋର ପରିଶ୍ରମ କରିଛନ୍ତି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ବିଜେଡ଼ିର ଜୟଯାତ୍ରା ଆଗକୁ ବଢ଼ି ଚାଲୁ ଓ ଓଡ଼ିଶାବାସୀଙ୍କୁ ସୁଶାସନ ମିଳୁ ଏହା ହିଁ କାମନା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୧




*(ପୂର୍ବପ୍ରକାଶ ଉତ୍ତାରୁ)*

ଆଜି ବି ଠିକ୍ ସେହି ପୂର୍ବଦିନ ମାନଙ୍କ ପରି ସେ ତାଙ୍କ ସୁଖ ଦୁଃଖ,ହାନିଲାଭ ସବୁକିଛି ବୁଝିଆସୁଛି । ଫରକ୍ ଏତିକି ସେତେବେଳେ ତା ମନତଳେ କିଛି ସ୍ୱପ୍ନ ଦାନା ବାନ୍ଧିଥିଲା। ମନତଳଟା କାହାପାଇଁ ଗୁମୁରି ଗୁମୁରି କାନ୍ଦୁଥିଲା। ବିକଳ ହେଉଥିଲା। ଆଉ ଆଜି..ତା ଆଖିତଳୁ ସ୍ୱପ୍ନ ସବୁ ମରିଯାଇଛନ୍ତି। ସେତେବେଳେ ତା ଦୁଃଖ ଶୁଣିବାକୁ ପାଖରେ କେହିନଥିଲେ ଆଜି ବି କେହିନାହାନ୍ତି। ସେତେବେଳେ ସେ ଅସହାୟ ଥିଲା ଆଉ ଆଜି ବି ସେମିତି ଅସହାୟ ।

ତା ପାଇଁ ଜୀବନରେ ସେମିତି କିଛି ନୂତନତା ନାହିଁ। ଜୀଇଁବାର ସେହି ପୁରାତନ ଶୈଳୀକୁ ଆବୋରି ସେ ଗୁମୁରି କାନ୍ଦୁଛି ନିଜଭିତରେ। କେତେବେଳେ ଭାଗ୍ୟ ଓ ପୁଣି କେତେବେଳେ ଭଗବାନଙ୍କ ଦୋଷ ଦେଇ ସେ ନିଜକୁ ଆଶ୍ୱାସନା ଦେଇଛି। ନିୟତିର ଚକ୍ରବ୍ୟୁହ ଭିତରେ ସେ ଛନ୍ଦି ହୋଇପଡିଛି ସବୁବେଳେ। ବୋଧେ ତାର ଠିକଣା ବହୁପୂର୍ବରୁ ଅବଧାରିତ ହୋଇସାରିଥିଲା। ସେ ତ ଭାଗ୍ୟହାତର କ୍ରୀଡନକ ସାଜିଥିଲା ! ମାଲିକାଣୀଙ୍କ ବାପଘରେ ତାଙ୍କ ପୂର୍ବପୁରୁଷମାନଙ୍କ ପାଇଁ କୋଉ ଅମଳରୁ ପାର୍ବତୀର ଅଣଜେଜେ କି ପଣଜେଜେ ଖଟି ଆସିଛନ୍ତି।

ସେ ଗତାନୁକତିକତା ଜାରି ରହିଛି ଏଯାବତ୍। ସେତେବେଳେ ପାର୍ବତୀର ମାଆ ବି ମାଲିକାଣୀଙ୍କ ଘରକୁ ନିଇତି ଆସୁଥିଲା କାମ କରିବାକୁ। ତାଙ୍କରି ଘରୁ ହିଁ ଦାନାପାଣି ଯୋଗାଡ କରୁଥିଲେ ସେମାନେ। ପାର୍ବତୀ ଛୋଟଥିଲା ବୋଲି ତାକୁ ବି ନେଇ ଆସୁଥିଲା ସାଙ୍ଗରେ। ସେ ବି ତା କୁନିକୁନି ହାତରେ ତା ମାଆକୁ ସାହାଯ୍ୟ କରୁଥିଲା । ସେତେବେଳେ ଖୁବ୍ ପିଲାବୟସରୁ ଝିଅମାନଙ୍କୁ ଆବଶ୍ୟକ ତୁଳନାରେ ଅଧିକ ପରିପକ୍ୱ ହେବାକୁ ପଡୁଥିଲା। ଘରକାମ କରିବାକୁ ହେଉଥିଲା।

ମାଲିକାଣୀ କୁଆଡେ ପାର୍ବତୀ ବୟସର ପାଖାପାଖି ଥିଲେ। ଅନେକ ସମୟରେ ଦୁହେଁ ମିଶି ଖେଳୁଥିଲେ। କଣ୍ଢେଇ ବାହାଘର କରି ମିଛିମିଛିକା ଭାତ ତିଅଣ ରାନ୍ଧୁଥିଲେ। ଦୁହିଁଙ୍କ ଭିତରେ ନିବିଡ ସଂପର୍କ..। ପାର୍ବତୀ ତାଙ୍କ ଘରକୁ ନଗଲେ ସେ ତାଙ୍କ କୁଡିଆକୁ ଚାଲିଆସନ୍ତି। ବାରଣ କଲେ ସେ ଅଝଟ ହୋଇ କାନ୍ଦନ୍ତି ଆକାଶର ଚାନ୍ଦମାଗିବା ପରି।

"ପାର୍ବତୀ"ନାଁ ତାର ପରବର୍ତ୍ତି ସମୟରେ ଅପଭ୍ରଂଶ ହୋଇ"ପାର"ହୋଇ ଯାଇଥିଲା। ଅଭାବୀ ପରିବାରରେ ଭଲ ନାଁଟିଏ ବି ଅଭାବୀ ହୋଇଯାଏ। ନିଜକୁ ପରିବର୍ତ୍ତିତ କରି କ୍ଷୟର ବଶବର୍ତ୍ତୀ କରିଦେଇଥାଏ। ହେଲେ ତା ମାଆ ଖୁବ୍ ରାଗିଯାଇ କହେ - କାଇଁକି, ଗରିବ ହେଲୁ ବୋଲି କଣ ଭଲ ନାଁ ଦେଇପାରିବୁ ନାହିଁ? ଭଲ ନାଁ ଗୁଡାକ କଣ ଖାଲି ଧନୀମାନଙ୍କ ଅଧୀକାର? ଆମର କଣ ନାହିଁ?

ହେଲେ ପରବର୍ତ୍ତୀ ସମୟରେ ସେ ମନକୁ ବୁଝାଇନିଏ- ଡାକିବା ପାଇଁ ନାଁଟିଏ ଲୋଡା, ସେ ଯେଉଁ ନାଁ ବି ହେଉ କଣ ଯାଏ ଆସେ? ଭଲ ନାଁ ହେଲେ କଣ ଭାଗ୍ୟ ବଦଳିଯିବ? ଦରିଦ୍ରରୁ ଧନୀ ହୋଇଯିବେ ସେମାନେ? ନୀରବିଯାଏ ପାର୍ବତୀର ମାଆ। ପାର୍ବତୀର ବାପା କୋଉ ଦିନଠୁ ଆରପାରିରେ..। ଏକମାତ୍ର ଝିଅ ସହିତ ଦୁଇଟା ପେଟ ପାଳିବାକୁ ତା ମାଆ ବାଧ୍ୟହୋଇ ପରଘରେ କାମଧନ୍ଦା କଲା।

ସେମାନଙ୍କ ଅଇଁଠା ଆଉ ଅଧାରୁଆ ଲୁଗାରେ ସେମାନଙ୍କ ଅଭାବୀ ସଂସାର ଚଳିଗଲା ଯେନତେନ ଭାବେ। ମାଲିକାଣୀଙ୍କ ପୁରୁଣା ପୋଷାକ ପିନ୍ଧି ପାର୍ବତୀ ବି ନିଜଲଜ୍ଜା ନିବାରଣ କଲା। କିଛି ଆପତ୍ତି ନଥିଲା ତାର। ଏମିତିକି ନୂଆ ପିନ୍ଧିବାର ଆଗ୍ରହ ତାର କେବେଠାରୁ ମରିଯାଇଥିଲା। ବାପଛେଉଣ୍ଡ ଝିଅର ସୁଖସରାଗ ଗୋଟାଏ କଣ? ସେସବୁ ଖାଲି କାନପାଇଁ ଗୋଟାଏ ମଧୁରିଆ ଶବ୍ଦ..।

ପାର୍ବତୀ ବି ଗହଳ ଲତା ପରି ବଢି ଉଠୁଥିଲା। ପୁଷ୍ପବତୀ ହେବାକ୍ଷଣି ତା ମାଆ ତାକୁ ବାହା କରିଦେଲା ସେଇ ବସ୍ତି ପାଖରେଥିବା ବାପମାଆ ଛେଉଣ୍ଡ ପିଲାଟି ସହିତ। ସେତେବେଳେ ତା ମନଟି ବିବାହ ବୟସର ହୋଇଥିବ କି ନାଁ ତାହା ଜାଣିବା ଅନାବଶ୍ୟକ ଥିଲା । ଆଉ ମଧ୍ୟ ଅନାବଶ୍ୟକ ଥିଲା ତା ପସନ୍ଦ ଓ ନାପସନ୍ଦ ବିଷୟରେ ଜାଣିବାକୁ। ସେ କେବଳ ନିଜ ମଥାଉପରୁ "ଝିଅ"ନାମକ ବୋଝଟି ହଟାଇବାକୁ ଚାହୁଁଥିଲା। ତା ଭଳି ବେସାହାରାମାନଙ୍କ ପାଇଁ ଏପରି କରିବା ସଂପୂର୍ଣ୍ଣ ରୂପେ ଅନୁଚିତ୍ ବି ନଥିଲା ସେ ସମୟରେ। ନାଲି ଓ ସୁନେଲି ରଙ୍ଗର ଓଢଣୀ ତଳେ ପାର୍ବତୀର ଅନୁଭବ, ଭାବ, ଅଭାବ କିମ୍ବା ମନକଥା କେହି ଠଉରେଇବା କଷ୍ଟକର ଥିଲା। ତାକୁ ଲାଗୁଥିଲା ସେ ଯେମିତି ହାଣ ମୁହଁକୁ ଯାଉଥିବା ଛେଳି। କଂସେଇ ହାତର କୁକୁଡା..!

ଏଭଳି ଦୋଦୁଲ୍ୟମାନ ପରିସ୍ଥିତି ତାର ମାନସିକତାକୁ ଦୋହଲାଇ ପାରୁନଥିଲା କି ରୋମାଂଚିତ କରିପାରୁ ନଥିଲା। ସେସମୟରେ ବିବାହ କରିବା ତାର କାମ ଥିଲା ଏବଂ ସେ କାମଟିକୁ ସେ ଖୁବ୍‌ବିଶ୍ୱସ୍ତ ଓ ନିଖୁଣଭାବେ ସଂପାଦନ କରୁଥିଲା। ବାସ୍..ଏତିକି। ଯା'ଠାରୁ ଅଧିକ ବା କଣ ଥାଇପାରେ ତା ଭଳି ଅଭାବୀ ଓ ପରାଶ୍ରୟୀ ଝିଅମାନଙ୍କ ପାଇଁ? ସେମାନଂକ ଜୀବନର ଗୋଟେ ଅଦେଖା ଛନ୍ଦ..! ବିବାହ..ତା ପରେ ପିଲା, ଆଉ ସେମାନଙ୍କୁ ପାଳିବା ପାଇଁ ନିଜ ସ୍ୱପ୍ନମାନଙ୍କୁ ବନ୍ଦୀ କରିଦେବା..ଏଇ ତ ଜୀବନ! ପେଟ ଓ ମନର ଭୋକକୁ ନିତି ମାରି ପିଲାମାନଙ୍କୁ ବଡକରିବା ଓ ତା ଭିତରେ ବୁଢୀ ହୋଇ ମରିଯିବା। ଯା'ଭିତରେ କଣ ମିଳେ..ବଂଶବୃଦ୍ଧି ବ୍ୟତୀତ? ସେସବୁ ଭାବି ଲାଭ ନାହିଁ। ବିବାହ ପରେ ସେ ଆସିଲା ତା ଶାଶୁଘରକୁ।

ପ୍ରଥମକରି ସେ ସେତିକିବେଳେ ଦେଖିଥିଲା ତା ସ୍ୱାମୀ, ଇହକାଳ ତଥା ପରକାଳର ଦେବତାଙ୍କୁ ଓ ସମର୍ପି ଦେଇଥିଲା ନିଜକୁ। ପାର୍ବତୀର ସ୍ୱାମୀ ମହେଶ ବହୁତ୍ ଭଲ ମଣିଷ ଥିଲେ। ପାର୍ବତୀ ତେର ଚଉଦବର୍ଷ ବୟସରେ ବିବାହ କରୁଥିଲା। ବିବାହର ଅର୍ଥ କଣ ବୁଝିନଥିବା 'ପାର'ମୋହ ତୁଟାଇ ନପାରି ଚାଲିଆସୁଥିଲା ମାଲିକାଣୀଙ୍କ ପାଖକୁ। ଖେଳିବା ବୟସରୁ ତା ପାଦରେ ବେଡି ପଡିଲା। କର୍ତ୍ତବ୍ୟର ଶିକୁଳି ତା ହାତ ଦୁଇଟିକୁ ବାନ୍ଧିପକାଇଲା। ବାଧ୍ୟହୋଇ ସେ ଆଦରିନେଲା ତା ଭାଗର ଦୁଃଖକୁ। ଅବଶ୍ୟ ଦୁଇଜଣିଆ ଛୋଟିଆ ପରିବାରଟା ଚଳିବାକୁ ସଂଘର୍ଷ କରୁନଥିଲା।

ମହେଶ ରିକ୍ସାଟାଣି ମୂଲମଜୁରୀ ଲାଗି ପାର୍ବତୀକୁ ଭଲ ରଖିଥିଲା। ସେ ଆଗଠାରୁ ଭଲ ଖାଇ, ପିନ୍ଧି ସ୍ୱଚ୍ଛଳରେ ଚଳୁଥିଲା। ଧୀରେଧୀରେ ପାର୍ବତୀର ତା ସଂସାର ଓ ସ୍ୱାମୀ ପ୍ରତି ମୋହ ଆସିଲା।

*(କ୍ରମଶଃ)*

## ନିର୍ବିକାର

**ସୁଧାଂଶୁ ଶେଖର ଦ୍ୱିବେଦୀ**





ଆରେ ସବୁ ସମୟରେ ଏମିତି ଜପାମାଳି ଧରି ଜପୁଥିବ ନା ଝିଅ ବାହାଘର ପାଇଁ କିଛି ଟଙ୍କା ପଇସାର ବ୍ୟବସ୍ଥା କରିବ? ମୁଁ ତ ତୁମ କଥା ଜମା ବୁଝିପାରୁନି ଝିଅର କେତେ ବୟସ ହେଲାଣି ଜାଣିଛ ନା ନାହିଁ? ନିର୍ମଳା ପ୍ରତିଦିନ ପରି ଆଜି ବି ନିଜ ସ୍ୱାମୀ ନରେନ୍ଦ୍ର ବାବୁଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥାନ୍ତି। କିନ୍ତୁ ନରେନ୍ଦ୍ର ବାବୁ ନିର୍ବିକାର ଭାବେ କହିଲେ-ଆରେ ନିର୍ମଳା! ଠାକୁରଙ୍କ ପ୍ରତି ଭରସା ରଖ, ସମୟ ଆସିଲେ ସବୁକିଛି ଆପେ ଆପେ ହୋଇଯିବ।

ଠାକୁର ପୂଜା କରିବା, ଆରତୀ କରିବା, ଠାକୁର ବାସନ ଧୋଇବା, ଭୋଗ ଲଗେଇବା,ଠାକୁରଙ୍କ ପାଇଁ ଫୁଲ ତୋଳିବା, ବିଭିନ୍ନ ପ୍ରକାର ସାଜ ସଜାରେ ଠାକୁରଙ୍କୁ ସଜେଇବା ଇତ୍ୟାଦି ପରେ ବଳକା ସମୟରେ ଜପା ମାଳି ଧରି ଘଣ୍ଟା ଘଣ୍ଟା ଜପୁଥାନ୍ତି ନରେନ୍ଦ୍ର ବାବୁ। ଠାକୁରଙ୍କ ସେବା ପୂଜା ବ୍ୟତୀତ ଦିନ ୧୦ରୁ ସ୍କୁଲକୁ ବାହାରି ଯାଆନ୍ତି ଫେରନ୍ତି ୪ଟାରେ। ଗମେଣ୍ଟ ସ୍କୁଲରେ ଶିକ୍ଷକ ସେ। ଯାହା ଦରମା ପାଆନ୍ତି ସ୍ତ୍ରୀ ନିର୍ମଳା ହାତରେ ଧରେଇ ନିର୍ବିବାଦ ହୋଇ ଯାଆନ୍ତି। କିଛିଦିନ ହେବ ଝିଅ ବ୍ୟାଙ୍କରେ ଚାକିରୀ ପାଇଛି। ତଥାପି ମହଙ୍ଗା ଯୁଗରେ ଜଗି ଛକି ଖର୍ଚ୍ଚ କରିବାକୁ ପଡୋନରେନ୍ଦ୍ର ବାବୁଙ୍କ ଘର ପରିବାର ମିଶି ୬ ଜଣ। ବୃଦ୍ଧ ମା' ବାପାଙ୍କର ଡାକ୍ତର ଫିସ, ଔଷଧ ଖର୍ଚ୍ଚ, ପୁଅର କଲେଜ ଫିସ ପୁଣି ଘରର ଯାବତୀୟ ଖର୍ଚ୍ଚ କରୁ କରୁ ମାସ ଶେଷକୁ ନିଅଣ୍ଟ ପଡ଼ିଯାଏ।

ହଁ, ତୁମେ ଚୁପଚାପ ଘରେ ବସି ମାଳା ଜପ। ଠାକୁର ତୁମ ଝିଅପାଇଁ ଜୋଇଁ ପଠେଇଦେବେ ଯେ! ଶୁଣ,ବାରିପଦା ମାଉସୀ କହୁଥିଲେ ତାଙ୍କ ସମ୍ପର୍କୀୟରେ ଜଣେ ପୁଅ ଅଛି। କିନ୍ତୁ ସେଠିକୁ ଯିବାପାଇଁ ହାତରେ ୪-୫ ହଜାର ଟଙ୍କା ତ ଦରକାର। ସେତକ ବି ନାହିଁ। ନିଜ ଖର୍ଚ୍ଚ କାଟରୁ ଯାହା ପାଞ୍ଚ ଶହ-ହଜାରେ ବଳୁଛି ନିଜ ବନ୍ଧୁ ବାନ୍ଧବଙ୍କୁ ତ ଉଧାର ଦେଇଦେଉଛ, ଆଜିଯାଏ କେହି ଜଣେ ହେଲେ ଫେରେଇଲେଣି? ନିର୍ମଳା ନରେନ୍ଦ୍ର ବାବୁଙ୍କୁ ତାସଲ୍ୟ ମିଶା ସ୍ୱରରେ କହି ଚାଲିଥାନ୍ତି।

ଆରେ ତୁମେ ମୋତେ ଟିକେ ମାଳା ଜପିବାକୁ ଦିଅ। ନରେନ୍ଦ୍ର ବାବୁ ନିଜ ମନର ଭାବ ଜଣେଇଲେ।

ଦିନ ଦିନ ଜପା ମାଳି ଧରି ଜପିବାର ଥିଲା ତ ବାହା ହେଉଥିଲ କଣ ପାଇଁ? ଖାଲି ବସିରହିଲେ ଠାକୁର କଣ ତୁମ ଝିଅର ବାହାଘର କରିଦେବେ? ଏଇ ବ୍ୟାଗ ଧର ବଜାରରୁ କିଛି ପରିବା ନେଇ ଆସିବ ଯାଅ। ନିର୍ମଳା ନରେନ୍ଦ୍ର ବାବୁଙ୍କ ହାତରେ ବ୍ୟାଗଟିଏ ଧରାଇ ହୁକୁମ ଦେଇସାରି କହିଲେ- ହଁ ଶୁଣ, ମୁଁ ଯେଉଁ ପୁଅ ପାଇଁ କଥାବାର୍ତ୍ତା କରିଛି ସେ ବିଷୟରେ ଟିକେ ଭଲଭାବେ ଚିନ୍ତା କରିବ। ଆମେ ପଅରଦିନ ତାଙ୍କ ଘରକୁ ଯିବା।

ସ୍ତ୍ରୀର ହୁକୁମରେ ବ୍ୟାଗ ଧରି ନରେନ୍ଦ୍ର ବାବୁ ବଜାରକୁ ବାହାରି ଗଲେ। କିନ୍ତୁ ମନରେ ସେଇ ଗୋଟିଏ ବିଚାର ଥାଏ ବାରିପଦା ଯିବାପାଇଁ ଟଙ୍କାର ବ୍ୟବସ୍ଥା କରିବାକୁ ହେବ। ପରିବା କିଣିବା ପୂର୍ବରୁ ନିଜର ଜଣେ ବନ୍ଧୁଙ୍କୁ ଦେଖାକରି ଉଧାର ନେଇଥିବା ଟଙ୍କା ମାଗିବା ସକାଶେ ତାଙ୍କ ପାଖରେ ପହଞ୍ଚିଗଲେ। ବନ୍ଧୁ କୃପାସିନ୍ଧୁ ଗୋଟେ ବଡ଼ ଲୁଗା ଦୋକାନରେ ମ୍ୟାନେଜର ଥାଆନ୍ତି। ନରେନ୍ଦ୍ର ବାବୁଙ୍କୁ ଦେଖିବା କ୍ଷଣି ସ୍ୱାଗତ ଜଣାଇ ପଚାରିଲେ- ଆରେ!ତୁ କେମିତି ଏଠିକୁ ଚାଲିଆସିଲୁ? କଣ ଦରକାର କହ?

ବଡ଼ ସମସ୍ୟାରେ ପଡି ଯାଇଛିରେ କୃପାସିନ୍ଧୁ। ମୋର କିଛି ଟଙ୍କା ଦରକାର ଥିଲା। ତୁ ଯେଉଁ ଉଧାର ଟଙ୍କା ନେଇଥିଲୁ ଏଇ ଦିନେ ଦୁଇ ଦିନ ଭିତରେ ଦେଲେ ମୁଁ ବଡ଼ ଉପକୃତ ହୁଅନ୍ତି?

ବାବୁ ଏବେ ବେମାରରେ ପଡିଛନ୍ତି। ଚାରିଦିନ ପୂର୍ବରୁ ହାର୍ଟ ଏଟାକ ଆସିଥିଲା। ଦୋକାନକୁ ଆସୁନାହାନ୍ତି।ସେ ଆସିଲେ ନିଶ୍ଚୟ ବ୍ୟବସ୍ଥା କରି ତୋ ଟଙ୍କା ଫେରାଇଦେବି। କୃପାସିନ୍ଧୁ ଜଣାଇଲେ।

ନରେନ୍ଦ୍ର ବାବୁ ନିରାଶା ମନରେ ଫେରୁଥିବା ବେଳେ ଦୋକାନ ଗେଟ ସାଇଡ଼ରେ ସୁନ୍ଦର ବାଳ ଗୋପାଳ ମୂର୍ତ୍ତି ଦେଖି ଅପଲକ ନୟନରେ ଚାହିଁରହି ଅଟକିଗଲେ। *(କ୍ରମଶଃ)*



## ଚକା ଭଉଁରୀ

**ମମତା ପ୍ରିୟଦର୍ଶିନୀ ସାହୁ**



ସବୁ ବଦଳି ଗଲା
ଅଳୀକ ପ୍ରତିଶ୍ରୁତିର ଶିଶିର
ଜହ୍ନ-ତାରା
ମେଘ-ମାୟା
ସାରା ଜୀବନର ସାଇତା
ଥାକ ଥାକ କବିତା।
କଣ ଜରୁରୀ ଥିଲା କି ଏ ବଦଳ?
ପଥର ହୋଇଗଲା କପାଳ।
ଆଖି ତୁଠରେ ଏବେ
ଭଲ ପାଇବାର ଭାଷା
ମଥା ପିଟେ ବାହୁନି ବାହୁନି ,
ଅନ୍ଧାର ଆଲୁଅର ଲୁଚକାଳିରେ
ହଜେଇ ଦେଇ ଉଦୟରଂଗ
ଆଉ ଦଂଶନ ସହେ
କୋଉ ଅଦେଖା ଆଘାତର।
ତଥାପି ଉଡିଯିବାକୁ ଇଚ୍ଛା
କୋଉ ଏକ ଦୂର ଦିଗବଳୟକୁ
ପୁଣିଥରେ ଗଢିବାକୁ
ପକ୍ଷୀର ଭଂଗା ଭଂଗା କାକଳୀ
ବଦଳି ଦେବାକୁ
ଦଦରା ନୀଡର ପ୍ରତିବିମ୍ବ।
ମୁକୁଳିବା କଣ ଏତେ ସହଜ କି
ଫୁଲଦାନୀର ଫୁଲ ମାନଙ୍କ ଠାରୁ
ଓଦାମାଟି
ନୀଳମେଘମାଳା
ତାରାଙ୍କ ମେଳ
ଆଉ ଏ ସଂସାର ଭୋକ
ଆଉ ଭୋଗ ଠାରୁ?

**ଓଡିଆ ଅଧ୍ୟାପିକା**
**ବାଲିଶଙ୍କରା, ସୁନ୍ଦରଗଡ**

## ମେଲାଣି

**ସ୍ମୃତି ରଞ୍ଜନ ପାତ୍ର**



ଆଜି ମୁଁ ଏକୁଟିଆ !
ଏ ମହୀମଣ୍ଡଳର ଛାତିଥରା
ଶୂନ୍ୟତାକୁ ମୁଁ ଆଜି
ଆପଣାର କରିଛି,
ନିସ୍ତବ୍ଧତା ର ପ୍ରହରୀ ସାଜି
ଆଲମ୍ବ ଛାଇ କୁ ନିଜର କରିଛି....
ଅଶ୍ରୁସିକ୍ତ ନୟନର ଗୋପନ ଫାଙ୍କରେ
ଆଜି ଧାର ଧାର ହୋଇ ବହିଯାଇଛି
ଯୁଗଯୁଗାନ୍ତର ଅବିଶ୍ରାନ୍ତ ବେଦନା
କେଜାଣି କେବେ ଥମିବ ?
ପ୍ରୟୋଜନ ପୂରଣର ପ୍ରୋଜୋଯନା ନେଇ
ଆସିଥିଲା ଏ ଏକାନ୍ତତା,
ମତେ ବାଧ କଲା ତା ଇସାରା ରେ ନଚେଇବାକୁ....
ଅସମ୍ମାନିତ ହୋଇ ବିଦ୍ରୁପ ସତ୍ୟ ଟା
କେତେ କଲବଲ କରେ ଥରେ ମତେ ପଚାର !
ସଂସାରର ଏ ମୋହମାୟା କ୍ଷଣିକ
ପୋଷାଏ ଆୟୁଷ କୁ ଆୟୁଧ ସଜାଇ
କେତେଦିନ ଆଉ ଜୁଝିବି ଏ ଜୀବନ ଯୁଦ୍ଧରେ !
ମରି ମରି ବଞ୍ଚିବି କିନ୍ତୁ ପୁଣି ଦରମଲା ହେବି,
ତେବେ ଜୀଇଁବି କାହିଁକି ?
ପାର୍ଥିବ ଦେହଧାରୀ ଇଶ୍ୱରୀୟ
ଆଭାରେ କେତେ ମୁଣ୍ଡ ଗୁଞ୍ଜିବ,
ଆତଯାତ ହୋଇ ହୋଇ ଦିନେ ତ
ଫେରିବ ସେ ଚିର ନିସ୍ତବ୍ଧତା କୋଳକୁ...
ତେଣୁ ତ ମୁଁ ଶୀଘ୍ର ମେଲାଣି ନେଉଛି
ଏକୁଟିଆ ଏଠି ବଞ୍ଚିବି ସେଠି ବି ରହିବି
କିନ୍ତୁ ଯନ୍ତ୍ରଣା ର ଜଞ୍ଜିରରୁ ମୁଁ
ମୁକୁଳିଯିବି ସବୁଦିନ ପାଇଁ......

**ବାଲିଘାଟ, ଗୋପାଳପୁର**
**ଦୂରଭାଷ : ୯୩୪୮୯୮୭୦୦୯**

## ମା ଓ ମମତା

**ମଲ୍ଲିକା ସିଂହ**



ତୁମରି ଦେହର ନାଲି ନୀଳ ଶିରା
ଜଠର ଏରୁଣ୍ଡି ଡେଇଁ,
ମାଟି ଛୁଇଁ ଯା'କୁ ପ୍ରଥମେ ଦେଖିଲି
ତୁମେ ତ ମମତାମୟୀ।
ସମ୍ପର୍କର ତୁମେ ଆଦ୍ୟ ବିନ୍ଦୁ ଗୋ
ମମତାର ମହାସିନ୍ଧୁ,
ତୁମରି ବକ୍ଷୁର ଝରିପଡୁଥିଲା
ମୋ ପାଇଁ ଅମୃତ ବିନ୍ଦୁ।
ତୁମେ ବୁଝିନେଲ ମୋ ଦରୋଟି ଭାଷା
ଶିଖାଇଲ କ୍ରମେ କଥା,
ତୁମେ ପଢ଼ାଇଲ ସମ୍ପର୍କର ସଂସ୍କାର
ତୁମେ ଆଦ୍ୟଗୁରୁ ମାତା।
ମୁଁ ଝୁଣ୍ଟି ପଡିଲେ ତୁମରି ଛାତିରୁ
ଝରିପଡେ ସତେ ରକ୍ତ,
ଢାଙ୍କି ଦିଅ ତୁମେ କରୁଣା ପଣତ
ସତେ ଶ୍ରୀମନ୍ଦିର ନେତ।
ଆମ ଆକାଶର ପୂର୍ଣ୍ଣ ଇନ୍ଦୁ ତୁମେ
ଅନ୍ଧାରେ ଆଲୋକ ଦିଶା,
ତୁମ ଉପଦେଶ ଗୀତା, ଭାଗବତ
ମନବୋଧ ଚଉତିଶା।
କଳି ହୁଏନାହିଁ ମାଆର ମମତା
ସୁଝି ହୁଏନାହିଁ ଋଣ,
ବଞ୍ଚିଥିବା ଯାଏ ଗାଇଲେ ନ ସରେ
ତୁମରି ମହାନ୍ ଗୁଣ।

**ଖୋର୍ଦ୍ଧା**

## କବିତାର କଥା

(ଭାଗ-୭୩)



**ଉମାକାନ୍ତ ରାଉତ**



### ଅଧା ଅଧା ନୀରବତା

ଗଛ ବଢୁଥିବାର ଦୃଶ୍ୟ କେହି ଦେଖିଛ କି?

ମାଟି ଭିତରେ ଚେର ତଳକୁ ତଳକୁ କ୍ରମଶଃ ବଢୁଥିବାର ଦୃଶ୍ୟ କେହି କେବେ ଦେଖିପାରେ କି?

ପ୍ରେମ ଆଉ କ'ଣ କି?

ଦୃଶ୍ୟମାନ ହେଉ ନଥିବା ଅଥଚ ନିରବରେ ନିରବରେ ନିରନ୍ତର ବଢ଼ି ଚାଲିଥିବା ଜୀବନର ଜୀବନୀକା ନୁହେଁ ତ ଆଉ କ'ଣ?

ଏହା ନୀରବରେ ଲେଖା ହୋଇ ଚାଲିଥିବା ଗୋଟେ ଅସରା କାହାଣୀ.....ଅନ୍ତରର ଭାଷା....ମାନସ ଚକ୍ଷୁର ଚାହାଣି...... ତୃପ୍ତିର ପ୍ରକାଶନ.....ଆତ୍ମାର ସ୍ଫୁରଣ.....। ପ୍ରେମ ଖୋଜେନା ପ୍ରଭୁତ୍ୱ। ପ୍ରେମ ଖୋଜି ଚାଲିଥାଏ ମାନବତ୍ୱ....ସେବକତ୍ୱ। ଏହା ନୀରବତାର ଗହିରୀ ଗଣ୍ଡରୁ ଶୁଭୁଥିବା ଶବ୍ଦର ପାଦସ୍ୱର.....ଗହୀର ଗାଁ ର ଗଳିମୁଣ୍ଡରେ ଗଢ଼ିଥିବା ଘର ଭିତରେ ଏକ୍ଲା ଥାଇ ସ୍ୱପ୍ନକୁ ନିଜର କରି ନିଜକୁ ପର କରିପାରୁଥିବା ଏକ ଅଦୃଶ୍ୟ ଉଚ୍ଚାଟନ।

ସେଥିପାଇଁ ତ କବି ମାଧୁରୀ ପଣ୍ଡା କହନ୍ତି -

"ଦେଖୁଥିବା ପୃଥିବୀରେ
କିଛି ଘଟୁ ନଥାଏ
ଅଥଚ ଅଦୃଶ୍ୟରେ
ଏ ଅଦ୍ଭୁତ କାହାଣୀରେ
ପ୍ରେମର ଚେର
ମାଟିର ଗଭୀରତମ ପ୍ରଦେଶକୁ
ଭେଦି ଯାଉଥାଏ।"

ତା' ନ ହୋଇଥିଲେ, ଜଣେ ଝଡ଼ ପରର ପୃଥିବୀ ଉପରେ ପ୍ରେମର ଧ୍ୱଜା ଉଡେଇବାର ଆସ୍ପର୍ଦ୍ଧା କରନ୍ତା କାହିଁକି? ଶବ୍ଦମାନେ ମାୟାମୃଗ ବୋଲି ଜାଣିବି ସେମାନଙ୍କ ବାଟକୁ କାଳ କାଳ ପ୍ରତୀକ୍ଷା କରନ୍ତା କାହିଁକି?

ଏସବୁ ପ୍ରେମର ଲକ୍ଷଣ ନୁହେଁ ତ କ'ଣ?

ଉତୁରି ପଡୁଥିବା କ୍ଷୀରର ବାସ୍ନା ହୋଇ ନୀଳ ନିମନ୍ତ୍ରଣକୁ ସ୍ୱୀକାର କରିବା ଏବଂ ସେଥିପାଇଁ ଗୋଟେ ଗୋଟେ ଶୀତଳ ମରଣ ଭୋଗ କରିବା କ'ଣ କମ୍ ଭାଗ୍ୟର କଥା?

ସେଇ ଭାଗ୍ୟର ଡୋରି ଯୋଗୁଁ ବଳୀୟାନ୍ ସାଜିଥିବା ପ୍ରେମିକା କବି ମାଧୁରୀଙ୍କ କାବ୍ୟିକ ସଂରଚନାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ବୁଝାପଡେ -- ଚାଲି ଜାଣିଲେ ବାଟ ସୁନ୍ଦର ପରି ଭୋଗି ଜାଣିଲେ ପ୍ରେମ ସୁନ୍ଦର। ପ୍ରେମକୁ ଭୋଗିବାର କଳା ଯେଉଁ କେଇଜଣ ହାତଗଣତି ଭାଗ୍ୟବାନ/ଭାଗ୍ୟବତୀ ଆୟତ୍ତ କରି ପାରିଛନ୍ତି, ସେମାନଙ୍କ ମଧ୍ୟରୁ କବି ମାଧୁରୀ ଜଣେ। ସେଥିପାଇଁ ବୋଧହୁଏ ମାଧୁର୍ଯ୍ୟରେ ଭରପୁର ହୋଇଥିବାରୁ ବିଧି ତାଙ୍କର ନାମକୁ ବିଧାନ କରିଛି ମାଧୁରୀ!

ତାଙ୍କର ସମସ୍ତ ଉଚ୍ଚାରଣ/ଉଚ୍ଚାଟନର କେନ୍ଦ୍ରବିନ୍ଦୁ ହିଁ ପ୍ରେମ। ସ୍ନାୟୁ ସହରର ପ୍ରତିଟି ରକ୍ତ କଣିକାରେ ପ୍ରେମର ଗଭୀର ଅନୁରଣନ। ସେଇଥିପାଇଁ ସେ ଗୋଟେ ନୀରବ ନଈର ସ୍ୱର.... ଅଧା ଅଧା କଥା , ଅଧା ଅଧା ନୀରବତା; ଯାହାର ପ୍ରଚଣ୍ଡ ସମ୍ବଳ ସାଇଲେନ୍ସ ଆଣ୍ଡ୍ ସାଇଲେନ୍ସ....ଯାହାର ସମାଧୀସ୍ଥତା ଆଉଜଣକୁ ଆଣିଦିଏ ପ୍ରେମଧ୍ୱନି ବିକିରଣର ଅନ୍ତସ୍ଥଃ ଉପଲବ୍ଧି।

ସେଥିପାଇଁ ବୋଧହୁଏ ନିରବତାର ମଧୁଭାଣ୍ଡଟିଏ ମୁଣ୍ଡାଇ ବାଟ ଚାଲୁଥିବାରୁ ସିଏ ସାଜିଯାଆନ୍ତି ମଧୁକ୍ଷରା ମାଧୁରୀ! ଆଉ ତାଙ୍କର ପ୍ରତିଟି ପଦପାତ ଝଙ୍କାର ତୋଳୁଥାଏ........

"ଏଠି ପାଦ ଚାଲୁ ନଥାଏ
ଶେଷ ବୋଲି କିଛି ନଥାଏ
କିନ୍ତୁ ତୁ ଯେମିତି ହାତ ବଢ଼ାଉ
ସେଇଠୁ ହିଁ ମୋର ଆରମ୍ଭ ହିଁ
ଆରମ୍ଭ ହେଉଥାଏ।"

ତାଙ୍କର 'ଅଧା ଅଧା ନୀରବତା'ର ସ୍ୱର ତୋଳିବାକୁ ଯାଇ ଶର୍ମିଷ୍ଠା ସାହୁ କହନ୍ତି - 'ସମସ୍ୟା ଅଛି ବୋଲି ଆମେ କ'ଣ ଆକାଶର ନୀଳିମା ଦେଖିବାନି? ଦୁଃଖ ଅଛି ବୋଲି ଆମେ କ'ଣ ହୃଦୟର ସବୁଠୁ କୋମଳ ବାର୍ତ୍ତାକୁ ଆଗ୍ରାହ୍ୟ କରିବା? ବିଚ୍ଛେଦ ଅଛି ବୋଲି ଆମେ କ'ଣ ପ୍ରେମ କରିବାନି ? ପାଇବାଟା ବଡ଼ କଥା ନୁହେଁ ପ୍ରେମରେ। ପାଇବା ନ ପାଇବାର ଉର୍ଦ୍ଧ୍ୱରେ ପ୍ରେମ ପାଇଁ ଅପେକ୍ଷା ହିଁ ବଡ଼ କଥା।'

ସେଇ ଅପେକ୍ଷାର ଅନ୍ୟ ନାମ କ'ଣ ଅଧା ଅଧା ନୀରବତା .... ??

(ଯାର ଉତ୍ତର ପାଇଁ ଅପେକ୍ଷା କରାଯାଉ ପରବର୍ତ୍ତୀ ଭାଗକୁ.........)

*(କ୍ରମଶଃ)*

**କଥା ହୁଅନ୍ତୁ : ୯୪୩୭୨୬୭୧୨୫**






### କଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ବାର୍ ପକ୍ଷରୁ ପୁଣି ତେଜିଲା ଆନ୍ଦୋଳନ



**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କଳାହାଣ୍ଡି ବାର ଆସୋସିଏସନ ପୁଣି ଆନ୍ଦୋଳନକୁ ଓହ୍ଲାଇଛି। ଗତ ମଙ୍ଗଳବାର ଆସୋସିଏସନ ପକ୍ଷରୁ ନବନିର୍ମିତ କୋର୍ଟର ମୁଖ୍ୟ ଫାଟକରେ ସଭାପତି ସୁବ୍ରତ ବହିଦାରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରସ୍ତାବକୁ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ପ୍ରତିବାଦ କରାଯାଇଥିବାରୁ କଳାହାଣ୍ଡି ବାର ଆସୋସିଏସନ ଏହାର ତୀବ୍ର ନିନ୍ଦା କରିଛି। କେନ୍ଦ୍ର ଆଇନମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ତୁରନ୍ତ ପାଳନ କରାଯାଉ ଏବଂ ଯଶୋନ୍ତ ସିଂ ରିପୋର୍ଟ ଅନୁଯାୟୀ କଳାହାଣ୍ଡି ଜିଲ୍ଲା ହିଁ ସବୁଠାରୁ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ କଳାହାଣ୍ଡି ଜିଲ୍ଲାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଦାବି କରାଯାଇଛି। ପାଲ କମିଶନଙ୍କ ରିପୋର୍ଟ ଓଡ଼ିଶା ବିଧାନସଭାରେ ରାଜ୍ୟ ସରକାର ଉପସ୍ଥାପନ ଏପର୍ଯ୍ୟନ୍ତ କରିନଥିବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ସରକାରଙ୍କ କେବିକେ ଓ କଳାହାଣ୍ଡି ଜିଲ୍ଲାର ବିକାଶ ପାଇଁ ଆନ୍ତରିକତା ଥାଏ ତା'ହେଲେ କଳାହାଣ୍ଡି ହିଁ ପ୍ରକୃଷ୍ଟ ସ୍ଥାନ ଯେଉଁଠି ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରାଯିବା ଉଚିତ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସଭାପତି ଶ୍ରୀ ବହିଦାରଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ଉପସଭାପତି ନୀମାଞ୍ଚଳ ନାଏକ, ସାଧାରଣ ସମ୍ପାଦକ ଅଶ୍ୱିନୀ ଦାସ, ସହସମ୍ପାଦକ ଯଶୋବନ୍ତୀ ଦେଇ, କୋଷାଧ୍ୟକ୍ଷ ପରମାନନ୍ଦ ପଣ୍ଡା, ବରିଷ୍ଠ କାର୍ଯ୍ୟକାରୀ କମିଟି ସଦସ୍ୟ ଶୈଳେସ ବେହେରା, ପ୍ରଶାନ୍ତ ବାରିକ, ମହେଶ ପ୍ରସାଦ ମହାପାତ୍ର, କୁନାଲ ବେହେରା, କନିଷ୍ଠ କାର୍ଯ୍ୟକାରୀ ସଦସ୍ୟ ରୋହିଣୀ କାନ୍ତ ଚଲାନ, ଅଭିରାମ ପ୍ରସାଦ ପଟ୍ଟନାୟକ, ଶ୍ରବଣ ଅଗ୍ରୱାଲ, ସୁଧାଂଶୁ ଦେଓ, ସନ୍ତୋଷ ପଣ୍ଡା, ନାରାୟଣ ପଟ୍ଟନାୟକ, ସିଦ୍ଧାର୍ଥ ନାଏକ, ଦେବେନ୍ଦ୍ର ମହାନ୍ତି, ସୁନୀଲ ମୁଣ୍ଡ, କ୍ଷୀରୋଦ ନେଗୀ, ଭବେନ୍ଦ୍ର ପଣ୍ଡା, ଜିତେନ୍ଦ୍ର ମହାନ୍ତି, ଭବାନୀ ଶଙ୍କର ମିଶ୍ର, ଶୁଭ୍ରାଂଶୁ ସାହୁ, ରସିକ ମୋହନ ଦାସ, ସୁଧାଂଶୁ ନନ୍ଦ, ପ୍ରଦୀପ ମୁଣ୍ଡ, ଯଶୋବନ୍ତ ନାଏକ, ଛବିଲାଲ ନିଆଲ, ପ୍ରକାଶ ସାହୁ, ନିହାର ରଞ୍ଜନ ମିଶ୍ର, ଜୟ ଶଙ୍କର ବହିଦାର, ଅଫଜଲ ଖାନ, ଆଦିତ୍ୟ ନନ୍ଦ, ଧବଳେଶ୍ୱର ରାଉତ, ଅପନା ମହାରଣା, କୃତିବାସ ମୁଣ୍ଡ, ପ୍ରକାଶ ନାଏକ, ବିଭୂତି ସାହୁ, ସୁଧୀର ପଟ୍ଟନାୟକ, କୀର୍ତ୍ତନ ନାଏକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦିବ୍ୟ ରଞ୍ଜନ ବହିଦାର, ପ୍ରତିମା ନାଏକଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଧୋକା ! ...

ଯେଉଁ ଦସ୍ତାବିଜ ଉପସ୍ଥାପନ କରିଥିଲା ତାହା କୋଟି କୋଟି ଜଗନ୍ନାଥପ୍ରେମୀ ଏବଂ ରାଜ୍ୟବାସୀଙ୍କୁ ଚକିତ କରିଥିଲା। ହାଇକୋର୍ଟରେ ଏଏସ୍ଆଇ ନିଜ ପକ୍ଷରେ ଦର୍ଶାଇଥିଲା ଯେ ରାଜ୍ୟ ସରକାରଙ୍କ ନିର୍ମାଣାଧୀନ ପ୍ରକଳ୍ପ ଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ରହିଛି। ଏହି ମାମଲାର ସତ୍ୟପାଠରେ ଏଏସ୍ଆଇ ଏହି କଥା ଦର୍ଶାଇଥିଲା। ସେହିଭଳି ଦ୍ୱିତୀୟ କଥାଟି ହେଲା ଏଏସ୍ଆଇ ଏହି ପ୍ରକଳ୍ପ ପାଇଁ କୌଣସି ଅନୁମତି ପ୍ରଦାନ କରି ନାହିଁ। କେବଳ ସେତିକି ନୁହେଁ; ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଦର୍ଶନ କରି ଖୋଦ ଏଏସ୍ଆଇ ଡିଜି ବିଦ୍ୟାବତୀ ଏକଥା ଦର୍ଶାଇଲେ ଯେ, ହଁ; ରାଜ୍ୟ ସରକାର ଯେଉଁ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ତାହାଦ୍ୱାରା ଶ୍ରୀମନ୍ଦିର ପ୍ରତି ଘୋର ବିପଦ ରହିଛି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଲା। ଏଏସ୍ଆଇର ଏହି ସତ୍ୟପାଠ ସାରା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ସହିତ ଆଶଙ୍କା ମଧ୍ୟ ସୃଷ୍ଟି କଲା।

ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବା ପୂର୍ବରୁ ଦୁଇ ଦୁଇଟି ଜନସ୍ୱାର୍ଥ ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଗଲା। ଏଠାରେ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ସହିତ ଦୁଇ ଆବେଦନକାରୀଙ୍କ ଏକମାତ୍ର ଅସ୍ତ୍ର ଥିଲା ଏଏସ୍ଆଇର ସତ୍ୟପାଠ; ଯାହା ହାଇକୋର୍ଟରେ ଦାଖଲ କରାଯାଇଥିଲା। ତେବେ ଅତି ଆଶ୍ଚର୍ଯ୍ୟ ଓ ବିଡମ୍ବନାର ବିଷୟ ହେଉଛି, ଏଏସ୍ଆଇ ଯଉଁକଥାଟି ହାଇକୋର୍ଟଙ୍କ ସମ୍ମୁଖରେ ସତ୍ୟପାଠରେ ଉଲ୍ଲେଖ କରିଥିଲା ସେହି ଦସ୍ତାବିଜ ସୁପ୍ରିମକୋର୍ଟଙ୍କ ନିକଟରେ ଉପସ୍ଥାପିତ କରାଗଲା ନାହିଁ। ଯାହାଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ବିରୋଧରେ ରାୟ ପ୍ରକାଶ କଲେ। ଉଦ୍ଦେଶ୍ୟମୂଳକ ଭାବରେ ମାମଲା ଦାଏର କରାଯାଇଥିବାର ଆରୋପ ମଧ୍ୟ ଲଗାଇଲେ ଆଉ ଦୁଇ ଆବେଦନକାରୀଙ୍କୁ ଦୁଇ ଲକ୍ଷ ଟଙ୍କାର ଜରିମାନା ଆଦେଶ ଦେଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏଏସ୍ଆଇ ଏଭଳି ଦୋମୁହାଁ ନୀତି ଆପଣାଇଲା କାହିଁକି ? ଉଚ୍ଚ ନ୍ୟାୟାଳୟରେ ଗୋଟିଏ କଥା ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ସମ୍ପୂର୍ଣ୍ଣ ଓଲଟା କଥା ଦର୍ଶାଇଲା କାହିଁକି ? ଏହା ସମଗ୍ର ଓଡିଶାବାସୀ ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପ୍ରତି ଧୋକା ନୁହେଁ କି ? ଏଏସ୍ଆଇର ଏଭଳି ଆଭିମୁଖ୍ୟ ଅବଲମ୍ବନ କରିବା ପଛରେ କି ଉଦ୍ଦେଶ୍ୟ ରହିଛି ? ଏଭଳି ଅନେକ ପ୍ରଶ୍ନ ଏବେ ଓଡିଶାବାସୀଙ୍କ ମନରେ ଆଉଟୁ ପାଉଟୁ ହେଉଛି।

### 'ଜଗନ୍ନାଥଙ୍କ ...

ବାହାଦୁର କିଛି କାର୍ଯ୍ୟ କରୁଛନ୍ତି ମାନେ ନିଶ୍ଚୟ ଶ୍ରୀମନ୍ଦିର ନକ୍ସା କ୍ଷମତାସମ୍ପନ୍ନ ଅଧିକାରୀ ମାନଙ୍କ ପାଖରେ ଥିବ, ନତୁବା ଏତେବଡ କାର୍ଯ୍ୟ କିଭଳି ହେବ। ସେ ଯାହାହେଉ ନା କାହିଁକି ଏହି ପ୍ରକଳ୍ପ ହେବା ଦ୍ୱାରା କିଛି ଲୋକ ଜଗନ୍ନାଥଙ୍କ ନାମ ନେଇ ନେତା ହୋଇଗଲେ, ଆଉ କିଛି ନିଜ ଫାଇଦା ପାଇଁ ପାଦରେ ଚାଲି କରି ଦାସିଆ ବାଉରୀ ହେଇ ଗଲେ ବୋଲି ଭାବିଲେ ତ ଆଉ କିଏ ଭୋଟ ପାଇଁ ଜଗନ୍ନାଥଙ୍କୁ ମୁଣ୍ଡେଇ ସାଲବେଗ ହେଇ ଗଲେ, ଲାଗିଲା ସତେ ଯେମିତି ମହାପ୍ରଭୁ ଏବେ ନିର୍ବାଚନ ଲଢିବେ। ଶେଷକୁ ମହାପ୍ରଭୁ ମାନଙ୍କୁ କାଠ ଗଣ୍ଡି ଭିତରକୁ ବି ଟାଣିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଏତେ ସବୁ କଥା ତୁମ୍ଭି ତୋଫାନ୍ ପରେ ବି ଏସବୁ କାର୍ଯ୍ୟକୁ ତଦାରଖ କରିବାକୁ ଥିବା ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗ ଟେଙ୍କି ଶୋଇରହିଥିବା ଭଳି ଲଗିଲା,ନା ସେମାନେ ନିଜ ଆଡୁ ତଦାରଖ କଲେ ନା ଲୋକଙ୍କ କଥା ଶୁଣିଲେ। ଯେତେବେଳେ ମାମଲା କଚେରୀ କୁ ଗଲା ଏହି ସଂସ୍ଥା ମାନ୍ୟବର ଓଡିଶା ଉଚ୍ଚନ୍ୟାୟାଳୟରେ କହିଲା ଏହି ଖନନ ପୂର୍ବରୁ ତାଙ୍କ ଅନୁମତି ନିଆ ଯାଇ ନାହିଁ, ତେଣୁ ଲୋକେ ଧରିଲେ ଯେ ଏହା ବେଆଇନ କାର୍ଯ୍ୟ। ତଥାପି ଲୋକଙ୍କ ନଜର ହଟାଇବା ପାଇଁ କିଛି ଦିନ ପାଇଁ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଦେଇ ପ୍ରତ୍ନତାତ୍ତ୍ୱିକ ବିଭାଗ ଯଦି କହିଥାନ୍ତା ସବୁ ତର୍ଜମା ପରେ ଜଣା ଗଲା ଯେ ଏହା ବେଆଇନ୍ କାର୍ଯ୍ୟ ନୁହେଁ, ତେଣୁ ଆମେ ସରକାରଙ୍କୁ ଅନୁମତି ଦେଇଛୁ, ତେବେ ହୁଏତ ଆଉ ବିବାଦ ଦେଖା ଯାଇ ନଥାନ୍ତା। କିନ୍ତୁ ପରବର୍ତ୍ତୀ ସମୟରେ ଦେଖା ଗଲା ଏହି ପ୍ରତ୍ନତାତ୍ତ୍ୱିକ ସଂସ୍ଥା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ କୁଆଡେ କହିଲେ ଯେ ସବୁ କାର୍ଯ୍ୟ ପୁରା ଠିକ ଓ ପୁରା ପ୍ରତ୍ନତାତ୍ତ୍ୱିକ ନିୟମାବଳୀ ଅନୁସାରେ ଚାଲିଛି, ତା ପରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମସ୍ତେ ଜାଣନ୍ତି,କିନ୍ତୁ ବର୍ତ୍ତମାନ ପ୍ରଶ୍ନବାଚୀ ହେଉଛି ଯେ ପ୍ରତ୍ନତାତ୍ତ୍ୱିକ ବିଭାଗ ପୁରାତନ ପ୍ରତ୍ନତତ୍ତ୍ୱ ସୁରକ୍ଷା ନିଜେ ନିଜ ଆଡୁ କରିବ ନା ଲୋକଙ୍କ ଆଗରେ ସରକାରଙ୍କ ଭାବମୂର୍ତ୍ତି ରକ୍ଷା କରିବାକୁ କାମ କରିବ ? ପୁଣି ଏବେ ଆଲୋଚନା ହେଉଛି ଯଦି ରାଜ୍ୟ ସରକାର ବେଆଇନ କାର୍ଯ୍ୟ କରୁଛନ୍ତି ତାକୁ କେନ୍ଦ୍ର ସରକାର ତଦାରଖ କରିବେ, ନା ଉଭୟଙ୍କ ନେତା ମାନେ ଶ୍ରୀମନ୍ଦିରକୁ ନେଇ ନିଜ ସ୍ୱାର୍ଥ ପାଇଁ ରାଜନୀତି କରିବେ ନା ସବୁ ଠାରୁ ବଡ କଥା ତୁ ତ ମୁତୁରୀ ମୁଁ ତ ମୁତୁରୀ ହେଁସ କାହିଁପାଇଁ ଧୋଇବା ନ୍ୟାୟରେ ଚାଲିବେ। ସେ ଦିନ ବି ଆମେ ଦେଖିଛୁ ଭାରତର ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷନ ଥିଲା ବେଳେ କୌଣସି ରାଜନୈତିକ ଦଳର ଦମ ନଥିଲା ଯେ ତାଙ୍କ ଦ୍ୱାରା ବେଆଇନ କାର୍ଯ୍ୟ କଳାପ କରି ଦେବେ,ଏବେ ଦେଖୁ ଯାଉଛି ରାଜ୍ୟରେ ଥିବା ସରକାରୀ ସଂସ୍ଥା କେବଳ ସରକାରଙ୍କ ପାଇଁ ଓ ସରକାରଙ୍କୁ ସୁହାଇଲା ଭଳି କାର୍ଯ୍ୟକଳାପ କରୁଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସଂସ୍ଥା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛନ୍ତି। ଏଠାରେ ସେମାନେ ଭୁଲି ଯାଉଛନ୍ତି ଯେ Govt. is of The People, By The People and For The People ଏବଂ ସରକାରୀ ଚାକିରିଆ ହେଉଛନ୍ତି public servant ବା ଲୋକଙ୍କ ସେବାକାରୀ। ତେଣୁ ଶ୍ରୀମନ୍ଦିର ପ୍ରକଳ୍ପ ହେଉ, କିନ୍ତୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗାଇଡଲାଇନ୍ ଅନୁସାରେ ହେଉ,ଏବଂ ପ୍ରତ୍ନତାତ୍ତ୍ୱିକ ବିଭାଗ ଓ ଅନ୍ୟ ବିଭାଗ ମାନେ ଟିକିଏ ସ୍ୱାଧୀନ ଭାବେ ମହାପ୍ରଭୁ ଏବଂ ସ୍ଥାନୀୟ ଜନସାଧାରଣଙ୍କ କଥା ବି ଚିନ୍ତାରେ ରଖନ୍ତ ଏହି କାର୍ଯ୍ୟ ସ୍ୱାଧୀନ ଭାବେ ତଦାରଖକରନ୍ତୁ, କିନ୍ତୁ ଏ ସବୁ ଉପରେ କେବଳ ସେଇ ଜଗନ୍ନାଥ, ହିସାବ ନିକାଶ ସବୁ ତାଙ୍କରି ଇଚ୍ଛାରେ, ଜୟ ଜଗନ୍ନାଥ।

### ୨ରୁ ବିଧାନସଭା ...

ଜୁଲାଇ ୨ ତାରିଖରେ ପୂର୍ଣ୍ଣାଙ୍ଗ ଉପସ୍ଥାପନ ହେବ। ଜୁଲାଇ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ଜୁଲାଇ ୧୪ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ଅଗଷ୍ଟ ୨ ଓ ୪ ପ୍ରାଇଭେଟ୍ ମେମ୍ବରର୍ସ ବିଲ୍ ପାଇଁ ଉଦ୍ଦିଷ୍ଟ ରହିଛି। ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ୨୦୨୨-୨୩ର ପୂର୍ଣ୍ଣାଙ୍ଗ ବଜେଟ୍ ପରିବର୍ତ୍ତେ ରାଜ୍ୟ ସରକାର ୪ ମାସିଆ କାମଚଳା ବଜେଟ ଉପସ୍ଥାପିତ କରିଥିଲେ। ତେଣୁ ଜୁଲାଇ ୩୧ ପୂର୍ବରୁ ବଜେଟ୍ ଗୃହର ଅନୁମୋଦନ ଲାଭ କରିବା ବାଧ୍ୟତାମୂଳକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବିଦେଶ ଗସ୍ତ ଶେଷ କରି ଜୁଲାଇ ୧ ରେ ଭୁବନେଶ୍ୱର ଫେରିବା ପରେ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏଥର ନୂଆ ବାଚସ୍ପତି ଗୃହ ପରିଚାଳନା କରିବେ। ଉଭୟ ଶାସକ ଓ ବିରୋଧୀଙ୍କୁ ନେଇ ସେ କିପରି ଶାନ୍ତି ଶୃଙ୍ଖଳାରେ ସୁରୁଖୁରୁରେ ଗୃହ ଚଳାଇବେ, ତା' ଉପରେ ସମସ୍ତଙ୍କ ନଜର ରହିବ।

### ରାଜନୈତିକ ...

ଇଲେକ୍ଟୋରାଲ କଲେଜ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାନ୍ତି। ଏହି ଇଲେକ୍ଟୋରାଲ କଲେଜରେ ୭୭୬ ଜଣ ସାଂସଦ ଏବଂ ସମସ୍ତ ରାଜ୍ୟ ବିଧାନସଭାର ସଦସ୍ୟ ଅନ୍ତର୍ଭୁକ୍ତ।

ରାଷ୍ଟ୍ରପତି ନିର୍ବାଚନ ନେଇ ଆନୁଷ୍ଠାନିକ ଘୋଷଣା ପରେ ଏହା ଏବେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଯେତେବେଳେ ଶାସକ ଦଳ ପାଖରେ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ନ ଥାଏ ସେତେବେଳେ ଏହି ନିର୍ବାଚନ ଅଧିକ ଗୁରୁତ୍ୱ ବହନ କରିଥାଏ। ସଂଖ୍ୟାଗରିଷ୍ଠତା ଥିଲେ ବି ବିରୋଧୀ ଦଳ ପ୍ରତୀକାତ୍ମକ ଲଢ଼େଇ ପାଇଁ ଜଣେ ପ୍ରାର୍ଥୀ ଦେଇଥାନ୍ତି।ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ନ ଥିଲେ ମଧ୍ୟ ଶାସକ ଦଳ ନାନା କୌଶଳ ଅବଲମ୍ବନ କରି ତାଙ୍କ ପ୍ରାର୍ଥୀ ଜିତାଇ ନେବାରେ ସମର୍ଥ ହୋଇଥାନ୍ତି। କାହାକୁ ପ୍ରାର୍ଥୀ କଲେ ନିର୍ଦ୍ୱନ୍ଦ୍ୱରେ ଜିତାଇ ହେବ ସେ ବିଷୟରେ ଚିନ୍ତା କରିବାକୁ ପଡ଼ିଥାଏ। ୨୦୦୨ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏପିଜେ ଅବଦୁଲ କାଲାମଙ୍କୁ ପ୍ରାର୍ଥୀ କରିଥିଲେ। ଏହାଦ୍ୱାରା ସେମାନେ ବିରୋଧୀ ଦଳଙ୍କ ସମର୍ଥନ ହାସଲ କରିପାରିଥିଲେ। ୨୦୧୨ରେ ଉପା ପ୍ରାର୍ଥୀ ପ୍ରଣବ ମୁଖାର୍ଜୀଙ୍କୁ ଅଣ-ଉପା ଦଳଗୁଡ଼ିକ ମଧ୍ୟ ସମର୍ଥନ କରିଥିଲେ। ୨୦୧୭ରେ ବିଜେପି ରାମନାଥ କୋବିନ୍ଦଙ୍କୁ ପ୍ରାର୍ଥୀ କରି ଜିତାଇବାରେ ସକ୍ଷମ ହୋଇପାରିଥିଲା। ସମ୍ପ୍ରତି ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ମନ୍ତବ୍ୟକୁ ନେଇ ମୁସଲିମ ଦେଶଗୁଡ଼ିକରେ ପ୍ରବଳ ପ୍ରତିବାଦର ସ୍ୱର ଉଠିଛି। ଦେଶ ଭିତରେ ବହୁ ଜାଗାରେ ହିଂସାତ୍ମକ ବିରୋଧ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ବିଜେପି ଜଣେ ମୁସଲିମ ମୁହଁକୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଠିଆ କରାଇବା ଅସମ୍ଭବ ନୁହେଁ। ଏବେ କେରଳର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କ ନାମ ଶୁଣିବାକୁ ମିଳୁଛି। ଜଣେ ଆଦିବାସୀ ପୂର୍ବତନ ମହିଳା ରାଜ୍ୟପାଳ (ଓଡ଼ିଶାର ଦ୍ରୌପଦୀ ମୁର୍ମୁ)ଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ତେବେ କେଉଁ ପ୍ରାର୍ଥୀଙ୍କୁ ଠିଆ କଲେ ଏନ୍‌ଡିଏ ବାହାରୁ ଆବଶ୍ୟକ ଭୋଟ ମିଳିପାରିବ ତା'ରି ଉପରେ ଅଙ୍କକଷା ଚାଲିବା ସ୍ୱାଭାବିକ। ବିଜେପି ମଧ୍ୟ ୱାଇଏସ୍ଆର୍ କଂଗ୍ରେସ ପାର୍ଟି ଏବଂ ବିଜେଡି ଭଳି ଆଞ୍ଚଳିକ ଦଳର ସମର୍ଥନ ଆବଶ୍ୟକ କରୁଛି। ଅନ୍ୟପକ୍ଷରେ ସଦ୍ୟ ସରିଥିବା ରାଜ୍ୟସଭା ନିର୍ବାଚନରେ ବିଜେପିର ଶକ୍ତି ମଧ୍ୟ ବଢ଼ିଛି। ତେଲେଙ୍ଗାନାର ଟିଆରଏସ୍ ଏବେ ବିଜେପିର ବଡ଼ ଶତ୍ରୁ ଭାବେ ଉଭା ହୋଇଛି। ତେଣୁ ସେପଟୁ ସମର୍ଥନର ଆଶା ନାହିଁ। ବିଜେପି ପାଇଁ ସବା ଶେଷ ବିକଳ୍ପ ହେଉଛନ୍ତି ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ। ତାଙ୍କ ସପକ୍ଷରେ ଯଦି ଆବଶ୍ୟକ ଭୋଟ ଯୋଗାଡ଼ ହୋଇପାରେ ତେବେ ତାଙ୍କର ପଦୋନ୍ନତି ପାଇଁ ରାସ୍ତା ଖୋଲିଯିବ। ତେବେ ଆଦୌ ଚର୍ଚ୍ଚାରେ ନ ଥିବା ଜଣଙ୍କ ନାମ ଯେ ଶେଷ ପର୍ଯ୍ୟାୟରେ ସାମନାକୁ ନ ଆସିବ ତାହା କହିହେବ ନାହିଁ।

### ବିଜେପି ବିପକ୍ଷରେ ...

ମମତା ବାନାର୍ଜୀ। ବିଜେପିକୁ ଘେରିବାକୁ ହେଲେ ବିରୋଧୀଙ୍କୁ ଏକାଠି କରିବା ଯୋଜନାରେ ବାହାରି ପଡ଼ିଛନ୍ତି ମମତା। ଏଥିପାଇଁ ସେ ଅଣବିଜେପି ନେତାମାନଙ୍କୁ ଚିଠି ଚିଲେଖି ସମର୍ଥନ ଲୋଡ଼ିଛନ୍ତି। ବିରୋଧୀ ଦଳର ୨୨ ଜଣ ନେତାଙ୍କୁ ମମତା ବାନାର୍ଜୀ ଚିଠି ଲେଖିଛନ୍ତି। ଏ ସଂକ୍ରାନ୍ତରେ ଆସନ୍ତା ଜୁନ ୧୫ ତାରିଖରେ ବୈଠକ ପାଇଁ ସହମତି ଲୋଡିଛନ୍ତି ମମତା। ଏଥିରେ ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କୁ ଚିଲି ଲେଖିଛନ୍ତି। ଏଥିସହ ସେ ସିପିଆଇ-ସିପିଏମ ନେତାମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି। ଏହିସବୁ ନେତାଙ୍କୁ ସେ ଦିଲ୍ଲୀ କନଷ୍ଟିଚ୍ୟୁସନ୍ କ୍ଲବରେ ଏକାଠି ହେବାକୁ ନିବେଦନ କରିଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ ସୋନିଆ ଗାନ୍ଧି ମଧ୍ୟ ମମତା ବାନାର୍ଜୀ,ଏମକେ ଷ୍ଟାଲିନ, ଉଦ୍ଧ ଠାକରେ, ଏନସିପି ନେତା ଶରଦପାୱାର ଏବଂ ସିପିଆଏମ ନେତା ସୀତାରାମ ୟେଚୁରୀଙ୍କ ସହ ଆଲୋଚନା କରିଥିଲେ। ରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା ପାଇଁ ଏକାଠି ହେବାକୁ ସେ ନିମନ୍ତ୍ରଣ କରିଥିଲେ। ଆସନ୍ତା ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ହେବ। ଏନେଇ କେନ୍ଦ୍ର ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଏହି ନିର୍ବାଚନରେ ୪୮୯୦ ଜଣ ବିଧାୟକ ଓ ଏମପି ଭୋଟ ଦାନ କରିବେ।

### ମାଡି ଆସୁଛି ...

ଏଭଳି ସ୍ଥିତିରେ ସଂକ୍ରମଣକୁ ଆମନ୍ତ୍ରଣ କଲା ଭଳି ପରିସ୍ଥିତି ଉପୁଜିଛି। ଗୁରୁବାର ହଠାତ୍ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇଛି। କିଛି ଶିକ୍ଷାନୁଷ୍ଠାନରେ ବି ଭୂତାଣୁ ପ୍ରବେଶ କଲାଣି। ଆଗକୁ ଓଡ଼ିଶାରେ ଗଣପର୍ବ ରଜ ଆସୁଛି। ଲୋକେ ଭୋଜିଭାତ ଓ ଉତ୍ସବ ପାଇଁ ରୁଣ୍ଡ ହେବେ। ରଜ ପାଳିବା ପାଇଁ ଓଡ଼ିଶା ଫେରିବେ ପ୍ରବାସୀ। ସେମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଏ ସବୁ ପ୍ରସଙ୍ଗକୁ ନେଇ କେନ୍ଦ୍ର ଚିଠି ଲେଖି ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛି । ଯଦି ଏବେଠାରୁ ସ୍ୱାସ୍ଥ୍ୟ ବିଭାଗ ଢିଲାପଣ ଦେଖାଇବ, ତେବେ ରାଜ୍ୟ ପାଇଁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ରାଜ୍ୟରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ଅଛି। ୨ମାସ ହେଲାଣି ସଂକ୍ରମିତଙ୍କ ସଂଖ୍ୟା ୨୦ ଭିତରେ। ୧୪ ଜିଲ୍ଲାରେ କୌଣସି ରୋଗୀ ଚିହ୍ନଟ ହୋଇନାହାନ୍ତି। ଉତ୍ତର ଓଡ଼ିଶାରେ ମୋଟାମୋଟି ଭାବେ ଜିଲ୍ଲାଗୁଡ଼ିକ ସଂକମ୍ରଣ ମୁକ୍ତ ରହିଛି। ସେହିପରି ଦକ୍ଷିଣ ଓଡ଼ିଶାରେ ବି ସାମାନ୍ୟ ସ୍ଥିତି ରହିଛି। ଏହାବାଦ୍ ପୂର୍ବ ଓଡ଼ିଶାରେ ଖୋର୍ଦ୍ଧାରେ ସର୍ବାଧିକ ୩୬ ଓ କଟକରେ ୨୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ପଶ୍ଚିମ ଓଡ଼ିଶାରେ ସଂକ୍ରମଣ ୪ ତଳେ ରହିଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ସରକାର ସଜାଗ ଅଛନ୍ତି। ଏନଫୋର୍ସମେଣ୍ଟ୍ ଜରିଆରେ କଟକଣା ଜାରି କରିବା କଥା ସରକାର ନିଷ୍ପତ୍ତି ନେବେ। ଜନସାଧାରଣ କୋଭିଡ୍ ନିୟମ ପାଳନ କରନ୍ତୁ। ବାରବାଟୀ ମ୍ୟାଚ୍ରେ ସମସ୍ତ ଦର୍ଶକ ମାସ୍କ ପିନ୍ଧନ୍ତୁ। ସ୍ୱାସ୍ଥ୍ୟ ବିଭାଗ ନିୟମିତ ଭାବେ ଜେନ୍‌ମ ସ୍ୱିକ୍ୱେନ୍ସିଂ ପାଇଁ ସାମ୍ପୁଲ ପଠାଉଛି। ଅନ୍ୟପଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ରାଜେଶ ଭୂଷଣ କହିଛନ୍ତି, ଦେଶରେ ୪ମାସ ହେଲାଣି କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ଥିଲା। ଗତ ୨ ସପ୍ତାହ ଭିତରେ ସଂକ୍ରମଣ ବୃଦ୍ଧି ପାଇଛି। ତେଣୁ ସଂକ୍ରମଣ ରୋକିବା ପାଇଁ ଗାଇଡ୍‌ଲାଇନ୍, ଟିକାକରଣ, ଟେଷ୍ଟିଂ ଉପରେ ବିଶେଷ ଦୃଷ୍ଟି ଦିଅନ୍ତୁ।

### ଶିକ୍ଷାର ପ୍ରୟୋଗଶାଳା ...

ସଂସ୍ଥା ଆଇଆଇଟି ଭୁବନେଶ୍ୱର ବହନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତିର ସୁପାରିଶ ଅନୁସାରେ ଏହି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯିବ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆଇଆଇଟି ଭୁବନେଶ୍ୱର ଏକ ସମ୍ମାନସ୍ପଦ ଅନୁଷ୍ଠାନ। ଏଠାକାର ଅନୁକୂଳ ପରିବେଶରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ସହ ଟେକ୍ନୋଲୋଜିର ବ୍ୟବହାରକୁ ଜାଣିବା ପାଇଁ ଆଗ୍ରହୀ ହେବେ। ଫଳରେ ପିଲାମାନେ ପୂର୍ବତନ ରାଷ୍ଟ୍ରପତି ତଥା ମହାନ ବୈଜ୍ଞାନିକ ଅବଦୁଲ କଲାମ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରି ସ୍ୱପ୍ନ ଦେଖିବେ। ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ଶିକ୍ଷକ ମାନଙ୍କ ପାଇଁ ଗୋଟିଏ ନୂଆ ବ୍ୟବସ୍ଥା ବିଗତ ଦିନ ମାନଙ୍କରେ ଆରମ୍ଭ କରାଯାଇଛି। ଶିକ୍ଷକ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ଚଳିତବର୍ଷ ୪ ବର୍ଷୀୟା ଇଂଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ (ଆଇଟେପ)ର ପାଇଲଟ୍ ମଡ଼େଲ ଆରମ୍ଭ କରାଯିବ। ଏହା ଦ୍ୱାରା ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ହେବା ସହ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ହେବ। ଏହାବ୍ୟତିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ପ୍ରତ୍ୟେକ ବ୍ଲକରେ ପ୍ରାୟ ୧୫ ହଜାର ପିଏମ ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ନୂଆ ସ୍କୁଲ ନୁହେଁ ବରଂ ପୁରୁଣା ସ୍କୁଲରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ନେଇ ଭାରତ ସରକାର ସହଯୋଗୀ ହେବେ। ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ମୋଦି ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟ, ନବଦୋୟ ଓ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ।

### 'ଧାନର ଏମ୍ଏସ୍ପି ...

ଉଷୁନା ଚାଉଳ ଉଠାଇବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଓଡିଶାରେ ଉତ୍ପାଦିତ ଅଧିକାଂଶ ଚାଉଳ ହେଉଛି ଉଷୁନା ଚାଉଳ ଏବଂ ଦେଶର ପିଡିଏସ୍ ଚାଉଳରେ ଅବଦାନ ପାଇଁ ଏହା ଏକ ଅଗ୍ରଣୀ ରାଜ୍ୟ ଅଟେ । ବଳକା ଉଷୁନା ଚାଉଳ ଉଠାଇବା ବନ୍ଦ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତି ଓଡିଶାର ଲକ୍ଷ ଲକ୍ଷ ଚାଷୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ ପଶ୍ଚିମ ଓଡିଶାରେ ମଧ୍ୟ ଏହା ଅଧିକ ପ୍ରଭାବ ପକାଇବ । ୨୦୨୧-୨୨ ଖରିଫ ମାର୍କେଟିଂ ସିଜିନ (କେଏମଏସ୍)ରେ ୫୨ ଲକ୍ଷ ଟନ୍ ଚାଉଳ ସଂଗ୍ରହ ମଧ୍ୟରୁ, ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ଅଧୀନରେ ରାଜ୍ୟର ବ୍ୟବହାର ପ୍ରାୟ ୩୯ ଲକ୍ଷ ଟନ୍ ହେବ । ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ହେବାର ସମ୍ଭାବନା ଅଛି ଯାହାକୁ ତୁରନ୍ତ ଉଠାଇବା ଉଚିତ୍ । କିନ୍ତୁ କେନ୍ଦ୍ର ଏହି ପ୍ରସଙ୍ଗରେ ନିରବ ରହିଛି । ଏଥିସହ ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ (ଡିଏଫପିଡି) ଦ୍ୱାରା ଦିଆଯାଇଥିବା ଲକ୍ଷ୍ୟ ଅନୁଯାୟୀ ପାଞ୍ଚ ଲକ୍ଷ ଟନ୍ ଭିଟାମିନଯୁକ୍ତ ଉଷୁନା ଚାଉଳକୁ ଏଫସିଆଇରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । ୨୦୨୧-୨୨ କେଏମଏସ୍ ସମୟରେ ଅଧିକ ପରିମାଣର ଭିଟାମିନଯୁକ୍ତ ଉଷୁନା ଚାଉଳ ବିତରଣ କରିବା ସ୍ଥିତିରେ ରାଜ୍ୟ ଅଛି ଏବଂ ଡିଏଫପିଡି କୁ ଭିଟାମିନଯୁକ୍ତ ଚାଉଳର ଅତିରିକ୍ତ ଲକ୍ଷ୍ୟ ଦେବାକୁ ଅନୁରୋଧ କରାଯାଇଛି । କିନ୍ତୁ ଅଧିକ ପରିମାଣର ଲକ୍ଷ୍ୟ ପାଇଁ କେନ୍ଦ୍ର ପକ୍ଷରୁ ଏପର୍ଯ୍ୟନ୍ତ ରାଜ୍ୟକୁ ସୂଚିତ କରାଯାଇନାହିଁ । ଓଡିଶା ସରକାର ୧୦,୩୩୩ କୋଟି ଟଙ୍କା ଖାଦ୍ୟ ସବସିଡି ବିଲ୍ ପ୍ରଦାନ କରିବାକୁ ଦାବି କରିଥିଲେ । ରାଜ୍ୟରେ ଧାନ ସଂଗ୍ରହ କରୁଥିବା ସଂସ୍ଥାକୁ ଆର୍ଥିକ ଚାପରୁ ମୁକୁଳାଇବା ପାଇଁ କେନ୍ଦ୍ର ତୁରନ୍ତ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ଦାବି କରୁଥିବା ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ରାଜ୍ୟ ସରକାରଙ୍କ ପାଇଁ ଧାନ ଖରିଦ ସକାଶେ ନିଯୁକ୍ତ ସଂସ୍ଥା ଓଡିଶା ରାଜ୍ୟ ଯୋଗାଣ ନିଗମର ୨୦୨୨ ଏପ୍ରିଲ୍ ଶେଷ ସୁଦ୍ଧା ୭୯୩୧.୯୦ କୋଟି ଟଙ୍କାର ଅସ୍ଥାୟୀ ସବସିଡି ଏବଂ ୨୪୦୨.୧୯ କୋଟି ଟଙ୍କାର ଅଗ୍ରୀମ ସବସିଡି ଏହିଭଳି ମୋଟ୍ ୧୦,୩୩୪ କୋଟି ଟଙ୍କା ହୋଇଗଲାଣି ।

### ପଥର ମାଫିଆଙ୍କ ...

ମଙ୍ଗଳ ସରେନ(୧୫) ର ଗୋଡ଼ ଖସି ଯାଇ ଏହି କୃତ୍ରିମ ପୋଖରୀରେ ବୁଡିଯାଇ ମୃତ୍ୟୁ ହୋଇଥିଲା। ତେବେ ବେଆଇନ ଭାବେ ପଥର ଉତ୍ତୋଳନ କରିବା ପରେ ସୃଷ୍ଟି ହୋଇଥିବା ଶହ ଶହ ଫୁଟର ଗର୍ତ୍ତକୁ ମାଟି ପକାଇ ପୁରାଇବାର ସରକାରଙ୍କ ନିୟମାବଳୀ ରହିଛି। କିନ୍ତୁ ଅଧିକ ଲାଭ ପାଇବା ଆଶାରେ ଗର୍ତ୍ତ ଗୁଡିକରେ ମାଟି ନପୁରାଇ ଖାଲି ଛାଡି ଦେଉଛନ୍ତି ଲାଭଖୋର ବ୍ୟାପାରି। ଯାହାଦ୍ୱାରା ବର୍ଷା ହୋଇ ଏବେ ସେଥିରେ କୃତିମ ହ୍ରଦ ସୃଷ୍ଟି ହୋଇଛି। ଜିଲ୍ଲାପାଳ ଏ ସବୁ ବିଷୟରେ ଅବଗତ ଥିବା ସତ୍ତ୍ୱେ କିପରି ଚୁପ ଅଛନ୍ତି ତାହା ତାଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚି ସୃଷ୍ଟି କରୁଛି। ତେବେ ସରକାରୀ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଦେଖାଦେଇଛି। ଏପରିକି ଯଦି କୌଣସି ତହସିଲଦାର ପଦକ୍ଷେପ ନେବାକୁ ଚାହାନ୍ତି ତେବେ ସେ ତହସିଲ ରୁ ତାଙ୍କୁ ବଦଳି କରାଯାଇଥିବାର ନଜିର ମଧ୍ୟ ରହିଛି। ତେବେ ପଥର ମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବଡ ଧରଣର ମଧୁଚନ୍ଦ୍ରିକା ଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ତେବେ ପୁଳା ପୁଳା ଟଙ୍କା ପ୍ରଶାସନିକ ଅଧିକାରୀଙ୍କୁ ଚୁପ କରିବା ଉପରେ ସରକାର କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରିବେ ଏବଂ ବେଆଇନ ପଥର ଖଦାନ ଗୁଡିକୁ ବନ୍ଦ କରିବ, ତାକୁ ହିଁ ଅପେକ୍ଷା।

# ଭାଙ୍ଗିଲେ ୫-ଟି ବିଦ୍ୟାଳୟ ପ୍ରାଚୀର



**ଅସ୍ତରଙ୍ଗ :** ରାଜ୍ୟରେ ଶିକ୍ଷା ଭିତ୍ତି ଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ଦୁଇଟି ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକରେ ବିଭିନ୍ନ ବିଦ୍ୟାଳୟକୁ ୫ ଟି ଅଧୀନରେ ସାମିଲ କରି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ଚାଲିଛି। ପ୍ରତ୍ୟେକ ବିଦ୍ୟାଳୟ ଗୁଡିକୁ ୪୫ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ଅସ୍ତରଙ୍ଗ ବ୍ଲକରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଚାଲିଛି। ନଈଗୁଆଁ ବିନାୟକ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ବିକାଶ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆକ୍ରୋଶ ମୂଳକ ଭାବେ କିଛି ଅସାମାଜିକ ବ୍ୟକ୍ତି ପ୍ରାୟୋଜିତ ଭାବେ ନିର୍ମାଣ ପ୍ରାଚୀରକୁ ବିଳମ୍ବିତ ରାତିରେ ଭାଙ୍ଗିବା ସହିତ କାନ୍ଥ ଓ ବାରଣ୍ଡାରେ ଲାଗିଥିବା ଟାଇଲିକୁ ଭାଙ୍ଗି ଦେଉଥିବା ଜଣାପଡିଛି। ଏହି ସମ୍ବେଦନଶୀଳ ଘଟଣା ବ୍ଲକ ପ୍ରଶାସନର ନଜରକୁ ଆସିବା ପରେ ଘଟଣାର ଅନୁ ଧ୍ୟାନ କରାଯାଇ ଥିଲା।ଜିଲ୍ଲା ପ୍ରଶାସନ ଅଧିକାରୀ ମାନଙ୍କୁ ଅବଗତ କରାଇବା ପରେ ଜିଲ୍ଲା ପ୍ରଶାସନ ର ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ୪ ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ କରାଯାଇ କେଶ ନଂ ୧୧୬/୨୦୨୨ରେ ପ୍ରତାପ ଖୁଣ୍ଟିଆ, ଶ୍ରୀଧର ବିଶ୍ୱାଳ, ଦେବୀ ପ୍ରସାଦ ମୁଦୁଲି,ରତି ରଞ୍ଜନ ବିଶ୍ୱାଳ,ଓ ମଞ୍ଜୁ ଲତା ଖୁଣ୍ଟିଆଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।ସ୍ଥାନୀୟ ପ୍ରଶାସନ ଓ କ୍ରୀଡା ଗୃହ ମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ଏହି ପ୍ରାୟୋଜିତ କାର୍ଯ୍ୟ କରାଯାଇଥିବା ସ୍ଥାନୀୟ ବିଜେଡି ନେତା କହିଛନ୍ତି। ଏହି ମିଥ୍ୟା ଘଟଣାକୁ କିଛି ଗଣମାଧ୍ୟମରେ ପ୍ରସାର ମଧ୍ୟ କରାଯାଇଛି। ଏହି ପରି ଆଉ ଏକ ଘଟଣା କଣ୍ଟା ପଡା ବିଦ୍ୟାଳୟରେ ମଧ୍ୟ କରାଯାଇଥିଲା।ଏହି ପ୍ରାୟୋଜିତ କାର୍ଯ୍ୟକୁ ଅଞ୍ଚଳର ବୁଦ୍ଧିଜୀବୀ ମାନେ ନିନ୍ଦା କରିବା ସହିତ ତଦନ୍ତ କରାଯାଇ ଅଭିଯୁକ୍ତ ମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବା ପାଇଁ ସାଧାରଣରେ ଦାବୀ ହେଉଛି। ଏହି ଘଟଣାକୁ ପୋଲିସଗୁରୁତ୍ୱର ସହ ନେବା ସହିତ ତଦନ୍ତ ଜାରି ରହିଛି।

# ଖବରକାଗଜ ବିକ୍ରେତାଙ୍କ ମାତୃ ବିୟୋଗ



**ସମ୍ବଲପୁର :** ସିନ୍ଦୁରପଙ୍କର ଜଣାଶୁଣା ଖବରକାଗଜ ବିକ୍ରେତା ସୁଶୀଲ ଉଛୁରିଆଙ୍କ ମାତା ତଥା କଏରୁ ଉଛୁରିଆଙ୍କ ପତ୍ନୀ ସାବିତ୍ରୀ ଉଛୁରିଆଙ୍କର ୬୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସୁଶୀଲ, ଝିଅ ମିତା, ଜ୍ୱାଇଁ ସୁମନ୍ତ ମାଝୀ, ବୋହୂ ମଞ୍ଜୁଲତା ଭୋଇ, ପୌତ୍ର ଶ୍ରେୟାଂଶ, ଶାଶ୍ୱତ ପ୍ରକାଶ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ମଶାନରେ ମୁଖାଗ୍ନି ଦେଇଥିଲେ ପୁତୁରା ସଞ୍ଜୟ ଉଛୁରିଆ।

# ଡାବୁଗାଁ ପଞ୍ଚାୟତ ସମିତି ସାଧାରଣ ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବ୍ଲକ ଅଧକ୍ଷା ବୀଣା ମାଝୀ ଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁପାଳନ, ମସ୍ୟ, ଉଦ୍ୟାନ, ସମନ୍ୱିତ ଶିଶୁ ବିକାଶ, ମୃତ୍ତିକା ସଂରକ୍ଷଣ, ବନ ବିଭାଗ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା ଓ ପେନସନ ଏବଂ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସଂମ୍ପ୍ରସାରଣ ଅଧିକାରୀ ଏଡି ପ୍ରସାଦ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କୃଷି ବିଭାଗ ଅଧିକାରୀ ଚଳିତ ବର୍ଷ ସରକାରଙ୍କ ଚାଷୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସହ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ କହିଥିଲେ। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବ ବ୍ୟବଚ୍ଛେଦ ଗୃହର ଦୟନିୟ ଅବସ୍ଥା ଥିବାରୁ ନୂତନ ଗୃହ ନିର୍ମାଣ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗର ୫ ଟି ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ଶିକ୍ଷକ ନିଯୁକ୍ତି ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଡିଓ ଶରତ ମାଝି, ତହସିଲଦାର ସନ୍ଧ୍ୟା ସମରଥ, ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ସାଂସଦ ପ୍ରତିନିଧି ଏମ୍ ଆପ୍ପା ରାଓ, ରାଜ୍ୟସଭା ସାଂସଦ ପ୍ରତିନିଧି ରାମାରାଓ ଚୌଧୁରୀ, ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ, ସିଡିପିଓ ଯମୁନା ଭତ୍ରା, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ପ୍ରାଣୀ ଚିକିତ୍ସକ ଡା ସାରସ୍ୱତ ସାହୁ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଶୁଭାଶିଷ ସାହୁ, ବନପାଳ ପ୍ରକାଶ ସରକାର, ଗ୍ରାମ୍ୟ ଉଦ୍ୟାନ କର୍ମଚାରୀ ଜଗଦୀଶ ତରାସିଆ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ସହକାରୀ ମସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାମରେନ୍ଦ୍ର ଭୌମିକ, ବ୍ଲକ ସଂମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ କୁମାର ସେଠୀ, ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ ପଟ୍ଟନାୟକ ପରିଚାଳନା କରିଥିଲେ।

# ବିରିଡି ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି



**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିରିଡି ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ଜନଶୁଣାଣି ଅଭିଯୋଗ ଶିବିରରେ ସମୁଦାୟ ୫୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀଆବାସ ଯୋଜନା, ରେସନକାର୍ଡ, ଆର୍ଥିକ ସହାୟତା ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫି ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ବି ଆବେଦନ କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂହ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍, ବିଡିଓ ହେମନ୍ତ କୁମାର ମହନ୍ତ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ବ୍ଲକ୍ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ ଓ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟିକି ବିପ୍ଳବୀ : ନୀଳମଣି



ଅକ୍ଷୟ କୁମାର ରାଉତ



ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ। ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବଁଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା ।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ ।

ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନ ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ ।

ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷରେ ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା ।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଡହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା ।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳିନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାସଂଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

# ଜିଲ୍ଲାରେ ୫ଟି ଅନ୍ତର୍ଗତ ୭୫ଗୋଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ

**ଜଗତ୍‌ସିଂହପୁର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ଜଗତସିଂହପୁର ଜିଲ୍ଲାର ୭୫ଗୋଟି ଉଚ୍ଚ ବିଦ୍ୟାଳୟକୁ ଆଭାସି ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ହାଇସ୍କୁଲ ପରିସର ମାଧ୍ୟମରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତା କରି ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ସାଂସଦ ଡ.ରାଜଶ୍ରୀ ମଲ୍ଲିକ, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ପାରାଦ୍ୱୀପ ବିଧାୟକ ସମ୍ବିତ୍ କୁମାର ରାଉତରାୟ ଓ ତିର୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ବିନ୍ଦୁଜା ଦେବଶ୍ରୀତା ସ୍ୱାଇଁ ବିଦ୍ୟାଳୟ ରୂପାନ୍ତିକରଣ ସୁଫଳ ତଥା ବିଜୟ ଅଭିଜ୍ଞତାର ପରିପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି




ସଚିବ ଭି.କେ ପାଣ୍ଡିଆନଙ୍କ ଠାରେ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ସରକାରୀ ମୁଖ୍ୟ ସଚେତକ ଶ୍ରୀ ମୁଦୁଲି ଏହି ଲୋକାର୍ପଣ ଉତ୍ସବରେ ଯୋଗଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁରଦୃଷ୍ଟି ତଥା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ଧାରା ଆରମ୍ଭ କରି ଶ୍ରେଷ୍ଠ ରାଜ୍ୟ ଭାବରେ ପରିଣତ କରିବାର ଶୀର୍ଷରେ ଆଜି ପହଂଚିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଜିଲ୍ଲାରେ ୭୫ଗୋଟି ଉଚ୍ଚ ବିଦ୍ୟାଳୟକୁ ଲୋକାର୍ପଣ କରିଥିବାରୁ ଜିଲ୍ଲାରେ ଆଜି ଶିକ୍ଷା ଜଗତରେ ଏକ ପ୍ରଭାବ ପକାଇଛି। ଏହି ୫ଟି ରୂପାନ୍ତରିତ ଯୋଜନା ଅନୁଯାୟୀ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ମାନବୃଦ୍ଧି ନେଇ ତଥା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଭିତିଭୂମି ବିକାଶ ସହ ଅତ୍ୟାଧୁନିକ ଲାଇବ୍ରେରୀ, ଲ୍ୟାବ୍, ଶ୍ରେଣୀଗୃହ, ଉପଯୁକ୍ତ କ୍ରୀଡା ଭିତିଭୂମି ସହ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ସୂଚନାଯୋଗ୍ୟ ଯେ ପୂର୍ବରୁ ଜଗତସିଂହପୁର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୪ଟି ବିଦ୍ୟାଳୟ ରୂପାନ୍ତରିତ ହୋଇ ଲୋକାର୍ପିତ ହୋଇସାରିଛି। ଦ୍ୱିତୀୟ ପର୍ଯ୍ୟାୟରେ ତିର୍ତୋଲ ବ୍ଲକର ୧୩ଗୋଟି ଉଚ୍ଚ ବିଦ୍ୟାଳୟ, ବାଲିକୁଦା ବ୍ଲକର ୧୨ଟି ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ବ୍ଲକର ୧୧ଟି ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ ବ୍ଲକର ୯ଟି ଉଚ୍ଚ ବିଦ୍ୟାଳୟ, ବିରିଡି ବ୍ଲକର ୯ଟି ଉଚ୍ଚ ବିଦ୍ୟାଳୟ ନାଉଗାଁ ବ୍ଲକର ୭ଟି ଉଚ୍ଚ ବିଦ୍ୟାଳୟ, ରଘୁନାଥପୁର ବ୍ଲକର ୬ଟି ଉଚ୍ଚ ବିଦ୍ୟାଳୟ ଓ ଏରସମା ବ୍ଲକର ୩ଟି ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ପୌର ପରିଷଦର ୩ଟି ଉଚ୍ଚ ବିଦ୍ୟାଳୟ ଓ ପାରାଦ୍ୱୀପ ପୌରପରିଷଦର ୨ଟି ଉଚ୍ଚ ବିଦ୍ୟାଳୟ ଲୋକାର୍ପଣ ହୋଇଛି। ଉକ୍ତ ଲୋକାର୍ପଣ ଉତ୍ସବରେ ପୁରାତନ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀ, ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇଥିଲେ।

## ଆସିଛି ରଜ

ସସ୍ମିତା ପାତ୍ର



ମୌସୁମୀର ଆବାହନେ
ଆଦ୍ୟ ଆଷାଢ଼ର ପ୍ରାରମ୍ଭେ
ବାର ମାସେ ତେର ପର୍ବ
ସେ ଯେ ଓଡ଼ିଆଙ୍କର ଗର୍ବ,
ଆସିଛି ରଜ! ଆସିଛି ରଜ!
ଆସଗୋ ସଖୀ ! ଆସଗୋ ମିତ!
ପାଳିବା ରଜ ଆନନ୍ଦ ମନେ
ପିନ୍ଧିବା ନୂତନ ବସ୍ତ୍ର
ପାଦେ ଆଳିତା ଲଗାଇ ,
ଝୁଲିବା ଦୋଳି ଗାଇ
ଗୀତ ହର୍ଷ ଉଲ୍ଲସିତ ମନେ।
ମା ବସୁମତୀ ହୁଅଇ ରଜସ୍ୱଳା
କୁମାରୀ ପିନ୍ଧି ନୂତନ ବସ୍ତ୍ର ବସେନା ତଳେ
କଦଳୀ ପଟୁକା ଗୁଆ ପଟୁକା
ଜୋତା ପିନ୍ଧେ ପାଦ ତଳେ।
ଚାଷୀ ନିଏ ବିଶ୍ରାମ
କରେ ନାହିଁ କିଛି କାମ
କବାଡି , ତାସ ଖେଳରେ
ମଜିଯାଏ ଏହି ତିନି ଦିନ।
ଖାଇ ପାନ କରି ପାଟିକୁ ନାଲି
ବୁଢ଼ୀମା ରଜ ର ଆନନ୍ଦ ନିଏ,
ପୋଡପିଠା , ଆଡ଼ିଷ ପିଠାର ମହକ
ମହକି ଯାଏ ଗାଁ ଚାରିଆଡେ।
ଶୁଭି ନ ଥିଲା ରଜର ଗୀତ
କରୋନା କରିଥିଲା ଭୟଭୀତ,
ନିଶବ୍ଦ ହୋଇଥିଲା ସାରା ଜଗତ
ହେଲେ ଏଥର ଆସ ପାଳିବା ରଜ।
କମି ଯାଇଛି ରଜ ମୌଜ
ନାହିଁ ସେ ପିଲାଦିନର ପାଳନ,
ହସି କହେ ବୁଢ଼ୀ ମା ପୁଣି--
କାର୍ଯ୍ୟବ୍ୟସ୍ତରେ ଭୁଲି ଯାଇଛି ଆଜି ଜୀବପୀଢ଼ି,
ତଥାପି ନିଜ ସଂସ୍କୃତିକୁ ବଜାୟ
ରଖିଛି ସୀମିତ ହୋଇଛି ରଜ ଦୋଳି
ଆସିଛି ପୁଣି ରଜ
ବରଷକେ ଥରେ ପାଳିବା
ଆମ ସଂସ୍କୃତିକୁ ନ ଭୁଲିବା।

*ଜାମସେଦପୁର*
*ଦୂରଭାଷ : ୯୦୩୧୮୧୬୫୨୮*



# ଶପଥ ନେଲେ ଓଡିଶା ହାଇକୋର୍ଟର ୨ ନୂଆ ବିଚାରପତି



**କଟକ :** ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଲେ ଦୁଇ ନୂଆ ବିଚାରପତି। ତ୍ରିପୁରା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଶୁଭାଶିଷ ତଳପାତ୍ର ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଓଡିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଏହି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉଭୟଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଶପଥପାଠ କରାଇଛନ୍ତି। ଏହି ଦୁଇ ବିଚାରପତି ଓଡିଶା ହାଇକୋର୍ଟରେ ଯୋଗ ଦେବା ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ଗତ ମାସ ୨୭ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ବିଭିନ୍ନ ହାଇକୋର୍ଟର ବିଚାରପତିଙ୍କ ବଦଳି ସଂକ୍ରାନ୍ତ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ କୋଲକାତା ହାଇକୋର୍ଟକୁ ବଦଳି କରାଯାଇଥିଲା ବେଳେ ତ୍ରିପୁରା ହାଇକୋର୍ଟରୁ ଜଷ୍ଟିସ୍ ତଳପାତ୍ରାଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଆଇନଜୀବୀ ସଞ୍ଜୟ କୁମାର ମିଶ୍ରଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ପୂର୍ବରୁ କଲେଜିୟମ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ସାରିଥିଲା। କିଛି ଦିନ ତଳେ ତାଙ୍କ ନିଯୁକ୍ତି ଉପରେ କେନ୍ଦ୍ର ସରକାର ମୋହର ମାରିବା ପରେ ଶୁକ୍ରବାର ଉଭୟ ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଛନ୍ତି। ଜଷ୍ଟିସ୍ ଶୁଭାଶିଷ ତଳପାତ୍ର ୧୯୬୧ ମସିହା ଅକ୍ଟୋବର ୪ ତାରିଖରେ ତ୍ରିପୁରା ଉଦୟପୁରରେ ଜନ୍ମ ଗ୍ରହଣ କରିଥିଲେ। କୋଲକାତା ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ ଓ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୧୯୯୦ ସେପ୍ଟେମ୍ବର ୧୨ ତାରିଖରେ ଆଇନଜୀବୀ ଭାବେ ବାର୍ କାଉନସିଲରେ ନାମ ପଞ୍ଜିକରଣ କରିଥିଲେ । ସେ ଗୌହାଟୀ ହାଇକୋର୍ଟଙ୍କ ଅଗ୍ରତାଲା ବେଞ୍ଚରେ ବିଶେଷ ଭାବେ ପ୍ରାକ୍ଟିସ କରୁଥିଲେ। ୨୦୦୪ ମସିହା ଡିସେମ୍ବର ୨୧ ତାରିଖରେ ସିନିୟର ଆଇନଜୀବୀ ଭାବେ ବିବେଚିତ ହୋଇଥିଲେ। ୨୦୧୧ ମସିହା ନଭେମ୍ବର ୧୫ ତାରିଖରେ ସେ ଗୌହାଟୀ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ । ଏହାପରେ ସେ ତ୍ରିପୁରା ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବେ ୨୦୧୩ ସେପ୍ଟେମ୍ବର ୧୩ ତାରିଖରେ ଶପଥ ଗ୍ରହଣ କରିଥିଲେ। ୨୦୧୮ ନଭେମ୍ବର ମାସରେ ଓ ୨୦୧୯ ନଭେମ୍ବର ମାସରେ ସେ କିଛି ଦିନ ପାଇଁ ତ୍ରିପୁରା ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ତାଙ୍କୁ ଓଡିଶା ହାଇକୋର୍ଟକୁ ବିଚାରପତି ଭାବେ ବଦଳି ହୋଇଛି। ସେହିପରି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ବୁର୍ଲାରେ ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରକୃତ ଘର ଢେଙ୍କାନାଳ ଜିଲ୍ଲା ମୁକ୍ତାଦେଇପୁର ଗ୍ରାମରେ। ସେ ଇଂ ବିଭୁତି ଭୂଷଣ ମିଶ୍ର ଓ ବନଲତା ମିଶ୍ରଙ୍କ ପୁଅ। ତାଳଚେର ଥାର୍ମାଲ ହାଇସ୍କୁଲରୁ ୧୯୮୩ରେ ମାଟ୍ରିକ, ୧୯୮୭ରେ ଅନୁଗୁଳ କଲେଜରୁ ବି.କମ୍ ପାସ୍ କରିବା ପରେ ୧୯୯୦ରେ ଏମଏସ କଲେଜରୁ ଏଲଏଲବି ପାସ୍ କରିଥିଲେ। ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ୧୯୯୦ରେ ଆଇନଜୀବୀ ଭାବେ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦରେ ପଞ୍ଜିକରଣ କରିଥିଲେ। ସେ ହାଇକୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରି ଜଣେ ଦକ୍ଷ ଆଇନଜୀବୀ ଭାବେ ସୁନାମ ଅର୍ଜନ କରି ପାରିଥିଲେ।

# ଦୁର୍ନୀତିଗ୍ରସ୍ତଙ୍କୁ ଉପହାର, ସଚ୍ଚୋଟ ବିଇଓଙ୍କୁ ଜିଲ୍ଲା ପାର

**ଭଦ୍ରକ (ଜିଲ୍ଲା ପ୍ରତିନିଧି):** ବିଭିନ୍ନ ଦୁର୍ନୀତିରେ ଲିପ୍ତ ଅଭିଯୋଗ ହୋଇଥିବା ବନ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀର କୁମାର ତରେଇଙ୍କୁ ଶିକ୍ଷା ବିଭାଗ ବଦଳି କରାଯାଇଛି । ହେଲେ ଏତେ ଏତେ ଅଭିଯୋଗ ଥିବା ସତ୍ତ୍ୱେ ତାଙ୍କୁ ପୁଣି ସେଇ ଜିଲ୍ଲା ଭିତରେ ଅବସ୍ଥାପିତ କରାଯିବାକୁ ନେଇ ଶିକ୍ଷକ ସଂଘ ପକ୍ଷରୁ ଆଶ୍ଚର୍ଯ୍ୟ ପ୍ରକଟ କରାଯାଇଛି । କାରଣ ଶ୍ରୀ ତରେଇଙ୍କୁ ଭଣ୍ଡାରୀପୋଖରୀ ବିଇଓ ଭାବେ ନିଯୁକ୍ତି ମିଳିଛି । ହେଲେ ସେଠାରେ ପୂର୍ବରୁ ଥିବା ଜଣେ ସଚ୍ଚୋଟ ମହିଳା ବିଇଓ ମଂଜୁବାଳା ନାୟକଙ୍କୁ ମୟୁରଭଞ୍ଜ ଜିଲ୍ଲାର କପ୍ତିପଦା ବିଇଓ ଭାବେ ବଦଳି କରାଯାଇଛି । ସୂଚନାଯୋଗ୍ୟ, ଶ୍ରୀମତୀ ନାୟକ ଦୁର୍ଘଟଣାଗ୍ରସ୍ତ ହୋଇ ଏବେ ଆଶାବାଡ଼ି ସହାୟତାରେ ଚଲାବୁଲା କରୁଛନ୍ତି । ଜଣେ ମହିଳା ବିଇଓଙ୍କୁ ଜିଲ୍ଲାପାର କରିବା ପଛରେ ରାଜନୈତିକ ଆକ୍ରୋଶ ଥିବା ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ଶ୍ରୀମତୀ ନାୟକ ଚାନ୍ଦବାଲିରେ ଥିଲା ବେଳେ ତାଙ୍କୁ ସେଠାରେ ରହିବା ପାଇଁ ମୋଟା ଅଙ୍କର ଚାନ୍ଦା ମଗାଯାଇଥିଲା। ହେଲେ ଚାନ୍ଦା ଦେବାକୁ ଶ୍ରୀମତୀ ନାୟକ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଭଣ୍ଡାରିପୋଖରୀ ବ୍ଲକକୁ ବଦଳି କରାଯାଇଥିଲା। ହେଲେ ଏଠାରେ ମଧ ସମାନ ଦଶା ଭୋଗିଲେ ଶ୍ରୀମତୀ ନାୟକ। ମାତ୍ର ୯ମାସ କାର୍ଯ୍ୟକାଳ ପରେ ତାଙ୍କୁ କାହିଁକି ବଦଳି କରାଗଲା ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। 'ମୋ ସରକାର' ଅଧିନରେ ଥିବା ଶିକ୍ଷା ବିଭାଗର ଏ ବିଚିତ୍ର ନୀତି ସମସ୍ତଙ୍କୁ ଚକିତ କରୁଛି । ଏତିକିରେ କଥା ସରୁ ନାହିଁ। ବନ୍ତ ବ୍ଲକ ଶିକ୍ଷା ବିଭାଗ କ୍ଲଷ୍ଟର ଦାୟିତ୍ୱ ସିଆରସିସି ମନୋଜ ରାଉଳ ଶ୍ରୀ ତରେଇଙ୍କ ଏଜେଣ୍ଟ ସାଜି ସବୁ ପ୍ରକାର ଦୁର୍ନୀତିରେ ଲିପ୍ତ ରହିଛନ୍ତି । ଶିକ୍ଷକମାନଙ୍କ ଠାରୁ ସେ ଚାନ୍ଦା ଆଦାୟ କରି ବିଇଓ ଅଫିସରେ ଏକ ଏସି ଲଗାଇଛନ୍ତି । ହେଲେ ପୂର୍ବତନ ବନ୍ତ ବିଇଓ ଏହାର ବିଲ କରି ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହେଉଛି। ସିଆରସିସି ଶ୍ରୀ ରାଉଳ ଜଣେ ଭେରିଫାଏ ଅଫିସର ହୋଇନଥିଲା ବେଳେ ସେ ବେଆଇନ ଭାବେ ନିଜକୁ ଅଫିସର ବୋଲାଇ କାଗଜପତ୍ରରେ ଦସ୍ତଖତ କରୁଛନ୍ତି। ଏ ସମ୍ପର୍କରେ ଆମ ଜିଲ୍ଲା ପ୍ରତିନିଧି ତାଙ୍କୁ ଯୋଗାଯୋଗ



କରିବାକୁ ସେ କହିଥିଲେ ଯେ, ଭୁଲ ହୋଇଯାଇଛି। ତେବେ ଭୁଲ ହେଲା କାହିଁକି ? ଉକ୍ତ ଘଟଣା ତଦନ୍ତ ସାପେକ୍ଷ ହୋଇଥିଲା ବେଳେ ବନ୍ତର ପୂର୍ବତନ ବିଇଓ ଶ୍ରୀ ତରେଇ ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ବବି ବାବୁଙ୍କ ନାଁ ନେଇ କହୁଛନ୍ତି ଯେ, ସେ ଯାହା କଲେ ବି ତାଙ୍କର କେହି କିଛି କରିପାରିବେନି । ଯାହାକି ସବୁ ମହଲରେ ସନ୍ଦେହର ସୂତ୍ରପାତ କରୁଛି। କାରଣ ଜଣେ ଦୁର୍ନୀତିଗ୍ରସ୍ତ ଅଫିସର ଭୟଭୀତ ହେବା ବଦଳରେ ଅନ୍ୟକୁ ଭୟ ଦେଖାଇବାର ସାହସ ପାଉଛି କେଉଁଠୁ। ନିଜ ଦୁର୍ନୀତି ଢାଙ୍କିବାକୁ ନିଜ ଟଙ୍କାରେ ସଭା କରି ନିଜକୁ ସଚ୍ଚୋଟ ଅଧିକାରୀ କହି ଖବର ମଧ ପ୍ରକାଶନ କରୁଛନ୍ତି ଶ୍ରୀ ତରେଇ। ବିଇଓ ଓ ସିଆରସିସିଙ୍କ ଦୁର୍ନୀତିର ଅଡ଼ିଓ ଭିଡିଓ 'ଏକମାତ୍ର' ଜିଲ୍ଲା ପ୍ରତିନିଧିଙ୍କ ନିକଟରେ ରହିଛି । ତେବେ ବନ୍ତର ପୂର୍ବତନ ବିଇଓ, ସିଆରସିସିଙ୍କ ମଧୁଚନ୍ଦ୍ରିକା ବିଷୟରେ ବିଭାଗୀୟ ଅଧିକାରୀ ଜାଣନ୍ତି କି ନାହିଁ ତାହାର ତଦନ୍ତ ହେବା ଦରକାର। ଲୋକଙ୍କ ଟିକସ ଅର୍ଥରେ ଦରମା ନେଇ ଲୋକଙ୍କୁ ନାଲି ଆଖି ଦେଖାଉଥିବା ଏହି ଅଧିକାରୀଙ୍କ ପଛରେ ବାସ୍ତବରେ କାହାର ହାତ ରହିଛି ତାହା ୫ଟି ସଚିବ ଜାଣନ୍ତୁ ବୋଲି ଶିକ୍ଷକମାନେ ଦାବି କରୁଛନ୍ତି। ଜଣେ ଦୁର୍ନୀତିଗ୍ରସ୍ତ କିଭଳି ପୁରସ୍କାର ପାଉଛି ଏବଂ ସଚ୍ଚୋଟ ଅଧିକାରୀ କିଭଳି ନିର୍ଯାତିତ ହେଉଛନ୍ତି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହେଉଛି ।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରାଙ୍ଗଣରେ ଶହେ ଫୁଟ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକା ସ୍ଥାପନ

**ଭୁବନେଶ୍ୱର :** ବିଶ୍ୱର ସବୁ କ୍ଷେତ୍ରରେ ଆଜି ଭାରତ ମହାଶକ୍ତି ଭାବେ ଉଭା ହୋଇଛି। ଋଷ-ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ଭାରତ ପାଇଁ ଟଳିଛି। ଭାରତ ଏହି ଯୁଦ୍ଧରେ କୌଣସି ପକ୍ଷକୁ ସମର୍ଥନ ନକରିବା ଫଳରେ ସାରା ବିଶ୍ୱ ଏହି ମହାବିପତ୍ତିରୁ ରକ୍ଷା ପାଇଛି। ଯୁଦ୍ଧରେ ପକ୍ଷ ନେବା ପାଇଁ ଭାରତ ଉପରେ ଉଭୟ ଋଷ ଓ ଆମେରିକା ଚାପ ପକାଇଥିଲେ। କିନ୍ତୁ କାହାରି ଚାପ ଆଗରେ ନଇଁ ନଥିଲେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୌଣସି ପକ୍ଷକୁ ଭାରତ ସମର୍ଥନ ନଦେଇ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ



ପ୍ରସ୍ତାବ ଦେଇଥିଲେ। ଯାହାକି ତୃତୀୟ ବିଶ୍ୱଯୁଦ୍ଧ ବିଭୀଷିକାରୁ ସାରା ବିଶ୍ୱକୁ ଆଶ୍ୱସ୍ତ କରିଛି। ଗତ ଶୁକ୍ରବାର ଦିନ ଭୁବନେଶ୍ୱର ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରାଙ୍ଗଣରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକା ସ୍ଥାପନ କରିବା ଅବସରରେ ଏହା କହିଛନ୍ତି ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଶହେ ଫୁଟ ଉଚ୍ଚର ଜାତୀୟ ପତାକାକୁ ସେ ଜାତୀୟତାବାଦ୍ ଭାବର ଉଦ୍ରେକ ବୋଲି କହିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ଉଦ୍‌ବୋଧନ ଦେଇଥିଲା ବେଳେ ଅଧକ୍ଷ ସ୍ୱରୂପାନନ୍ଦ ମିଶ୍ର ଓ ଉପାଧକ୍ଷ କବୀନ୍ଦ୍ର ଦାସ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀକାନ୍ତ ରାଉତରାୟ। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

# କାଠଯୋଡି ନଦୀ ଭିତରେ ନିର୍ମାଣ ହେଉଛି କୋଠାଘର; ତେଜୁଛି ଉତ୍ତେଜନା

**ଜଗତସିଂହପୁର, (ଜ୍ୟୋତି ରଞ୍ଜନ ପଟ୍ଟନାୟକ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ପଂଚାୟତର ମୁଣ୍ଡାଳ ଗ୍ରାମ ନିକଟରେ ବହିଯାଇଥିବା ମୃତ କାଠଯୋଡି ନଦୀ ମଧ୍ୟରେ ଜନୈକ କ୍ଷମତାଶାଳି ବ୍ୟକ୍ତିଙ୍କ କୋଠାଘର ନିର୍ମାଣକୁ ନେଇ ସମଗ୍ର ବ୍ଲକ ଅଂଚଳରେ ଉତେଜନା ସୃଷ୍ଟି ହେଉଛି। ଆଗରୁ ଏହି କାଠଯୋଡି ନଦୀ ମଧ୍ୟ ଦେଇ ପାଣି ପ୍ରବାସହିତ ହେଉଥିବା ବେଳେ ଏବେ ଜଳର ସମସ୍ୟା ଥିବାରୁ ଏହି ନଈଟି ଏକପ୍ରକାର ଭୂତକୋଠିରେ ପରିଣତ ହେଲାଣି। ଫଳରେ ସ୍ଥାନୀୟ ଲୋକ ହୁଅନ୍ତୁ ବା ରାଜନୈତିକ ବ୍ୟକ୍ତି ଏହି ସରକାରୀ ଜମି ଗୁଡିକୁ ଜବରଦଖଲ କରିବାରେ ଏହି ନଦୀଟି ରଘୁନାଥପୁର ବ୍ଲକର ନୂଆଦା ଠାରୁ ବାହାରି ଦୀର୍ଘ ୧୪ କିମି ଅତିକ୍ରମ କରି ପୁରୁଣାବସନ୍ତ ଠାରେ ହଂସୁଆ ନଦୀରେ ମିଶିଛି। କାଳକ୍ରମେ ଏହି ନଦୀରେ ବର୍ଷାଦିନ ବ୍ୟତିତ ଅନ୍ୟଦିନ ମାନଙ୍କରେ ପାଣି ଆସୁନଥିବାରୁ ଏହା ମୃତ କାଠଯୋଡି ନଦୀ ନାମରେ ସରକାରୀ ରେକର୍ଡ ଭୁକ୍ତ ହେବା ସହିତ ଏହା ମଧ୍ୟରେ ଥିବା ଜମିଗୁଡିକ ଆଖପାଖ ଲୋକମାନଙ୍କ ଦଖଲ ମୁତାବକ ପଟ୍ଟା ସରକାରୀ ସ୍ତରରେ ପ୍ରଦାନ କରାଯାଉଥିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ବର୍ଷାଦିନେ ଉପର ମୁଣ୍ଡର ଉଦ୍‌ବୃତ ଜଳରାଶି ଏହି ନଦୀ ମଧ୍ୟ ଦେଇ ନିଷ୍କାସନ ହେବା ସହିତ ବନ୍ୟା



ଆସୁଥିବାରୁ ଏହାର ରକ୍ଷଣାବେକ୍ଷଣ ପାଇଁ ଜଗତ୍‌ସିଂହପୁର ଡ୍ରେନେଜ ବିଭାଗ ଦାୟିତ୍ୱ ନେବା ସହିତ ଲକ୍ଷଲକ୍ଷ ଟଙ୍କା ବିନୀମୟରେ ଖନନ କାର୍ଯ୍ୟ ମଧ୍ୟ କରିଥାଏ।ତେବେ ମୁଣ୍ଡାଳ ଗ୍ରାମ ନିକଟ ଏହି ନଦୀ ମଧ୍ୟରେ ଥିବା ଖାତାନଂ ୧୫୮/୫୬ର ପ୍ଲଟ ନଂ ୮୭,୮୦,୭୪ ଏବଂ ଖାତାନଂ ୪୩୫/୧୨୧,୧୫୮/୫୪,୧୫୮/୫୫ର ପ୍ଲଟ ନଂ ୬୬୪,୬୭୦,୭୯,୧୦୧ରେ ଜମି ମାଲିକ ସ୍ୱାଗତିକା ହାଇସ୍କୁଲ ସେକେଣ୍ଡାରୀ ସ୍କୁଲ ଅଫ ସାଇନସ ଏଣ୍ଡ ଏଜୁକେସନର ମାର୍ଫତଦାର ସନ୍ତୋଷିନୀ ତ୍ରିପାଠୀଙ୍କ ସ୍ୱାମୀ ନିରୋଦ କୁମାର ତ୍ରିପାଠୀ ଏକ କୋଠାଘର ନିର୍ମାଣ କରୁଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ସହିତ ଜିଲ୍ଲା କୃଷକ ସଂଗଠନର କର୍ମକର୍ତା ମାନେ ବିରୋଧ କରିଛନ୍ତି।ଏହି ନଦୀ ମଝିରେ ସ୍ଥାୟୀ ଗୃହ ନିର୍ମାଣ କଲେ ବର୍ଷାଦିନେ ଜଳ ନିଷ୍କାସନ ଠିକ ଭାବରେ ହୋଇ ନପାରି ଉପର ମୁଣ୍ଡର ଶହଶହ ହେକ୍ଟର ଚାଷଜମି ନଷ୍ଟ ହେବା ସହିତ ଆଖପାଖ ଗ୍ରାମରେ କୃତ୍ରିମ ବନ୍ୟା ଦେଖାଯାଇ ଲୋକମାନଙ୍କ ପ୍ରଭୃତ କ୍ଷତି କରିବ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବାବଦରେ ରଘୁନାଥପୁର ତହସିଲ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ଫଳରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏସମ୍ପର୍କରେ ରଘୁନାଥପୁର ତହସିଲଦାରଙ୍କ ସହିତ ଯୋଗାଯୋଗ ହୋଇପାରିନଥିଲା। ଯାହାକି ପ୍ରଶାସନର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନରେ ଏଭଳି କାର୍ଯ୍ୟ କରା ଯାଉଥିବା ସାଧାରଣରେ ଅଭିଯୋଗ ହେଉଥିବା ବେଳେ ସଂପୃକ୍ତ ଜମି ମାଲିକ ଯୁଦ୍ଧକାଳିନ ଭିତିରେ ଘର କାମ ଆଗେଇ ନେଉଥିବା ସମସ୍ତଙ୍କୁ ଚକିତ କରିଛି। ଏଭଳି ଏକ ଜନସ୍ୱାର୍ଥ ଘଟଣା ବନ୍ଦ କରିବା ପାଇଁ ରାଜସ୍ୱ ଆୟୋଗଙ୍କ ନିକଟରେ ଅଂଚଳ ପକ୍ଷରୁ ଦାବୀ ହେଉଛି।






## ଦୁର୍ନୀତିର ଗନ୍ତାଘର ଗଣିଆ ବ୍ଲକ

**ନୟାଗଡ :** ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାରଙ୍କ ଅଧିନରେ ରହିଛି ନୟାଗଡ ଜିଲ୍ଲାର ଗଣିଆ ବ୍ଲକ। ହେଲେ ଏଠାରେ ସ୍ୱଚ୍ଛତା ପରିବର୍ତ୍ତେ କେବଳ ଦୁର୍ନୀତି ହିଁ ମୁଖ୍ୟ ଆୟୁଧ ପାଲଟିଛି। ପ୍ରତ୍ୟେକ କାର୍ଯ୍ୟରେ ବିଡିଓ ଓ ବ୍ଲକ ଚେୟାରମ୍ୟାନ୍ ପିସି ମାଗୁଛନ୍ତି। ଜିଆରଏସ୍ ଫଣ୍ଡ ହେଉ ବା ଏନ୍‌ଆରଇଜିଏସ୍ କାର୍ଯ୍ୟ ପାଇଁ ଠିକାଦାରଙ୍କୁ ମୋଟା ଅଙ୍କର ଚାନ୍ଦା ମଗାଯାଉଥିବା ନେଇ ଅଭିଯୋଗ ହେଉଛି। ବିଡିଓ ମହୋଦୟ ବ୍ଲକ ଅଫିସରେ ଲାଞ୍ଚ କାରବାରକୁ ପ୍ରୋତ୍ସାହନ ଦେଉଥିବା ଜଣାପଡିଛି।

# ରଜରେ ଓଡ଼ିଶା ଛୁଇଁବ ମୌସୁମୀ

**ଭୁବନେଶ୍ୱର :** ଖୁବ୍‌ଶୀଘ୍ର ଗରମ ଓ ଗୁଳୁଗୁଳିରୁ ମିଳିବ ତ୍ରାହି। ରଜରେ ଭିଜିବ ସାରା ଓଡ଼ିଶା। ୪ରୁ ୫ ଦିନ ଭିତରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ୪ରୁ ୫ ଦିନ ଭିତରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବ। ଏଥିପାଇଁ ପାଗ ଅନୁକୂଳ ରହିଛି। ଗତ କିଛି ଦିନ ଧରି ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ଗୁଳିଗୁଳିରେ ରାଜ୍ୟବାସୀ ଛଟପଟ ହେଉଥିଲେ। ମାତ୍ର ଗତକାଲିଠାରୁ ରାଜ୍ୟରେ ଆକାଶ ମେଘାଛନ୍ନ ଥିବାବେଳେ ଆଜି ବି ପାଗ କାଉଁଳିଆ ରହିଛି। ସୂଚନାଯୋଗ୍ୟ, ୧୩ ତାରିଖ ପୂର୍ବରୁ ମୌସୁମୀ ଓଡ଼ିଶା ଆସିବାର ସମ୍ଭାବନା ନାହିଁ ବୋଲି ଦୁଇ ଦିନ ପୂର୍ବରୁ ଆଇଏମଡିର



ବରିଷ୍ଠ ବୈଜ୍ଞାନିକ ରାଜେନ୍ଦ୍ର ଜେନାମଣି କହିଥିଲେ। ସେ କହିଥିଲେ, ବଙ୍ଗୋପସାଗରର ଅଧିକାଂଶ ଅଞ୍ଚଳକୁ ମୌସୁମୀ ଛୁଇଁଲାଣି। ଦକ୍ଷିଣ ଭାରତରେ ବି ମୌସୁମୀର ଅଗ୍ରଗତି ଉତ୍ସାହଜନକ ରହିଛି। ଦକ୍ଷିଣ ମହାରାଷ୍ଟ୍ର, ଉତ୍ତର କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର କିଛି ଅଞ୍ଚଳରେ ୫ ଦିନ ଭିତରେ ମୌସୁମୀ ଛୁଇଁବ।






# ସିନ୍ଧଳ ରଥଯାତ୍ରା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିନ୍ଧଳ ଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତା କରି କହିଥିଲେ ଯେ କୋଭିଡ୍ ମହାମାରୀର ସଂକ୍ରମଣ ଯୋଗୁ ୨ବର୍ଷ ହେବ ସିନ୍ଧଳ ଠାରେ ରଥଯାତ୍ରା ଅନୁଷ୍ଠିତ ହୋଇପାରିନଥିଲା। ଚଳିତ ବର୍ଷ କୋଭିଡରେ ସୁଧାର ଆସିଥିବାରୁ ରଥଯାତ୍ରା ଶାନ୍ତିଶୃଙ୍ଖଳା, ଉତ୍ସାହର ସହ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ଅନୁଷ୍ଠିତ ହେବ। ସମସ୍ତ ବିଭାଗୀୟ ଅଧିକାରୀ ଧାର୍ଯ୍ୟ ତାରିଖ ପୂର୍ବରୁ ସମସ୍ତ ଆନୁସାଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ରଥଯାତ୍ରାର ୩ଦିନ ପୂର୍ବରୁ ରଥନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀ



ଦୃଷ୍ଟିଦେବା ନିମନ୍ତେ ବୈଠକରେ ରଥନିର୍ମାଣ ଓ ସିନ୍ଧଳ ଛେଳିଆଗଡ ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା, ରଥ ରହିବା ସ୍ଥାନରେ ଢଳେଇ କରିବା, ଗୁଣ୍ଡିଚା ମନ୍ଦିର ନିକଟ କେନାଲ ଉପରେ ସ୍ଲାପ୍ ପକାଇବା, ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ବଡଦାଣ୍ଡ ନିକଟରେ ଡ୍ରେନ୍ ସଫେଇ, ଅଳିଆ ଆବର୍ଜନା ହଟାଇବା ଓ ଚର୍ତୁପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନତ. ୭ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଡା.ରୁଦ୍ରନାରାୟଣ ଦାଶ, ଡିଏସପି ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, କ୍ଷେତ୍ରୀ ଅଧିକାରୀ, ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ଅଞ୍ଜଳି ତରାଇ ଓ ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ସଭାପତି କାଳିକିଙ୍କର ଆଚାର୍ଯ୍ୟ, ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ସାହୁ, ରାମଚନ୍ଦ୍ର ଦାସ, ସିଦ୍ଧାର୍ଥ ଶଙ୍କର ରାୟ, ଶାରଦା ଚରଣ ବେହେରା, ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**